


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR






## ଆସୁଛି ବର୍ଷା... ରାଜ୍ୟର ସବୁ ବ୍ରିଜର ହେବ ସ୍ଥିତି ଯାଞ୍ଚ



### ୪ ଜୁଲାଇ ସୁଦ୍ଧା ରିପୋର୍ଟ ତଲବ

ଭୁବନେଶ୍ୱର,୧/୭(ନି/ପ୍ର): ଆସୁଛି ବର୍ଷା। ରାଜ୍ୟର ସବୁ ବ୍ରିଜ୍‌ର ହେବ ସ୍ଥିତି ଯାଞ୍ଚ। ୪ ଜୁଲାଇ ସୁଦ୍ଧା ମୁଖ୍ୟ ଶାସନ ସଚିବଙ୍କୁ ଦିଆଯିବ ରିପୋର୍ଟ। ଦେଶର ବିଭିନ୍ନ ସ୍ଥାନରେ ପୁରୁଣା ବ୍ରିଜ୍ ଗୁଡ଼ିକ ଭୁଶୁଡ଼ିବା ଘଟଣାକୁ ନେଇ ବଢ଼ୁଥିବା ଚିନ୍ତା ମଧ୍ୟରେ ଓଡ଼ିଶା ସରକାର ରାଜ୍ୟର ସମସ୍ତ ବ୍ରିଜର ଢାଂଚାଗତ ସୁରକ୍ଷା ଆକଳନକୁ ଗୁରୁତ୍ୱ ଦେଇଛନ୍ତି। ପୂର୍ତ୍ତ ବିଭାଗ ଅଧୀନ ରାସ୍ତା ଓ ଜାତୀୟ ରାଜପଥରେ ଥିବା ସମସ୍ତ କ୍ଷୁଦ୍ର, ମଧ୍ୟମ ଓ ବଡ଼ ବ୍ରିଜ୍‌ର ବର୍ତ୍ତମାନ ସ୍ଥିତି ସମ୍ପର୍କିତ ସମନ୍ୱିତ ରିପୋର୍ଟ ସହ ମରାମତି ଏବଂ ପୁନର୍ନିର୍ମାଣ ଆବଶ୍ୟକ ଥିବା ବ୍ରିଜ୍ ଗୁଡ଼ିକର ବିବରଣୀ ୪ ଜୁଲାଇ ସୁଦ୍ଧା ଦାଖଲ କରିବାକୁ ପୂର୍ତ୍ତ ବିଭାଗ ନିର୍ଦ୍ଦେଶ ଦେଇଛି।ପୂର୍ତ୍ତ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍-ତଥା-ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ ମୁଖ୍ୟ ଯନ୍ତ୍ରୀ (ପୋଲ-୧ ଓ ୨) ଏବଂ ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ-୧ ଓ ୨)ଙ୍କୁ ଏନେଇ ପତ୍ର ଲେଖିଛନ୍ତି। ଏଥି ସହିତ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଆଂଚଳିକ କାର୍ଯ୍ୟାଳୟ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ), ସମସ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଠାଯାଇଛି।ଚିଠିରେ ଉଲ୍ଲେଖ କରାଯାଇଛି ଯେ, ୨୦୨୫ ଅଗଷ୍ଟ ୧ରେ ପୂର୍ତ୍ତ ବିଭାଗ 'ପୂର୍ତ୍ତ ବିଭାଗ ସଡ଼କରେ ଥିବା ପୋଲଗୁଡ଼ିକର ପରିଦର୍ଶନ ଓ ରକ୍ଷଣାବେକ୍ଷଣ ସମ୍ପର୍କିତ ନିର୍ଦ୍ଦେଶାବଳୀ' ଜାରି କରିଥିଲା। ସେହି ନିର୍ଦ୍ଦେଶାବଳୀରେ ବ୍ରିଜ୍ ଗୁଡ଼ିକର ବର୍ଗୀକରଣ ଅନୁଯାୟୀ ନିୟମିତ ପରିଦର୍ଶନ (ରୁଟିନ୍ ଇନ୍ସପେକ୍ସନ୍), ପ୍ରମୁଖ ପରିଦର୍ଶନ (ପ୍ରିନ୍ସିପାଲ୍ ଇନ୍ସପେକ୍ସନ୍) ଓ ସ୍ୱତନ୍ତ୍ର ପରିଦର୍ଶନ (ସ୍ପେସିଆଲ୍ ଇନ୍ସପେକ୍ସନ୍) ପାଇଁ ସମୟସୀମା, ପଦ୍ଧତି ଏବଂ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ସ୍ପଷ୍ଟ କରାଯାଇଥିଲା। ନିର୍ଦ୍ଦେଶାବଳୀ ଅନୁଯାୟୀ, କ୍ଷେତ୍ରସ୍ତରୀୟ ଅଧିକାରୀମାନେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବ୍ରିଜ୍ ପରିଦର୍ଶନ କରି ରିପୋର୍ଟ ମୁଖ୍ୟ ଯନ୍ତ୍ରୀ (ବ୍ରିଜ୍)ଙ୍କ ନିକଟକୁ ପଠାଇବେ। ପରିଦର୍ଶନ ସମୟରେ ସାମାନ୍ୟ ତ୍ରୁଟି ଚିହ୍ନଟ ହେଲେ ବିଭାଗୀୟ ଅଧିକାରୀ ତୁରନ୍ତ ତାହାର ପ୍ରତିକାର କରିବେ। କିନ୍ତୁ କୌଣସି ବ୍ରିଜରେ ଗୁରୁତର ତ୍ରୁଟି କିମ୍ବା ଢାଂଚାଗତ ଦୁର୍ବଳତା ଦେଖାଦେଲେ ତୁରନ୍ତ ସମ୍ପୃକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ଅବଗତ କରାଯିବ। ଆବଶ୍ୟକ ପଡ଼ିଲେ ଡିଜାଇନ୍ ନିର୍ଦ୍ଦେଶାଳୟ କିମ୍ବା ଡିଜାଇନ୍ ପରାମର୍ଶଦାତାଙ୍କ ସହ ପରାମର୍ଶ କରି ସ୍ୱତନ୍ତ୍ର ବୈଷୟିକ ପରୀକ୍ଷା କରାଯିବ। ପୋଲର ସଂରଚନାଗତ କ୍ଷମତା ଉପରେ ସନ୍ଦେହ ସୃଷ୍ଟି ହେଲେ ଏହାର ଭାର ବହନ କ୍ଷମତା (ଲୋଡ୍ କ୍ୟାରିଂ କ୍ୟାପାସିଟି) ମଧ୍ୟ ମୂଲ୍ୟାଙ୍କନ କରାଯିବ। ଏବେ ସରକାର ରାଜ୍ୟର ସମସ୍ତ ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ ଅଧୀନ ପୋଲଗୁଡ଼ିକର କଣ୍ଡିସନ୍ ଆସେସମେଂଟ ରିପୋର୍ଟ ମାଗିଛନ୍ତି। ଏଥିସହ ମରାମତି କିମ୍ବା ପୁନର୍ନିର୍ମାଣ ଆବଶ୍ୟକ ବ୍ରିଜ ଗୁଡ଼ିକର ତାଲିକା ଏବଂ ସେଥିପାଇଁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ସ୍ଥିତି ରିପୋର୍ଟ ମଧ୍ୟ ମାଗିଛନ୍ତି। ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି ଯେ, ମୁଖ୍ୟ ଯନ୍ତ୍ରୀ (ପୋଲ-୧ ଓ ୨) ରାଜ୍ୟର ସମସ୍ତ କ୍ଷେତ୍ରରୁ ତଥ୍ୟ ସଂଗ୍ରହ କରି ଆନେକ୍ସଚର-ଏରେ ନିର୍ଦ୍ଧାରିତ ଫର୍ମାଟ୍ ଅନୁଯାୟୀ ଏକ ସମନ୍ୱିତ ରିପୋର୍ଟ ପ୍ରସ୍ତୁତ କରି ୪ ଜୁଲାଇ ସୁଦ୍ଧା ପୂର୍ତ୍ତ ବିଭାଗକୁ ପଠାଇବେ। ଏହା ପରେ ରିପୋର୍ଟକୁ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟକୁ ଅନୁମୋଦନ ଓ ପରବର୍ତ୍ତୀ ପଦକ୍ଷେପ ପାଇଁ ପଠାଯିବ। ବର୍ଷା ଋତୁରେ ବ୍ରିଜ ଗୁଡ଼ିକର ସୁରକ୍ଷା ଓ ଯାତାୟାତ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ସମଗ୍ର ରାଜ୍ୟର ବ୍ରିଜ ଗୁଡ଼ିକର ସ୍ଥିତି ସମ୍ପର୍କରେ ଏକ ବିସ୍ତୃତ ଡାଟାବେସ୍ ପ୍ରସ୍ତୁତ କରିବାକୁ ତତ୍ପରତା ପ୍ରକାଶ କରିଛନ୍ତି।

## ରାଜ୍ୟରେ ଗଠିତ ହେବ ଆଂଟି ନାର୍କୋଟିକ୍ସ ଟାସ୍କ ଫୋର୍ସ




ଭୁବନେଶ୍ୱର,୧/୭(ନି/ପ୍ର): ରାଜ୍ୟରେ ନିଶା ବିରୋଧୀ ଅଭିଯାନ ଆହୁରି କଠୋର ହେବ। ନିଶା ବେପାରୀଙ୍କ ଉପରେ ଷଣ୍ଢୁଆସୀ ଆକ୍ରମଣ କରାଯିବ।ଏଥିରେ ରାଜ୍ୟରେ ଏଡିଜ ପାହ୍ୟାର ବରିଷ୍ଠ ପୁଲିସ ଅଧିକାରୀଙ୍କ ନେତୃତ୍ୱରେ ଆଂଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଗଠିତ ହେବ। ଏହା ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ୟୁନିଟ୍ ଏବଂ ୧୯ଟି ସ୍ୱତନ୍ତ୍ର ଇଂଟେଲିଜେନ୍ସ ୟୁନିଟ୍ କାର୍ଯ୍ୟ କରିବ। ଭାରତ ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଆନୁକୁଲ୍ୟରେ ସମଗ୍ର ଦେଶରେ ୨୬ ଜୁନରୁ ୧୦ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ପ୍ରାକ୍ ପରୀକ୍ଷଣ ନିଶା ଧ୍ୱଂସ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଏହି କ୍ରମରେ, ଆଜି (ବୁଧବାର) ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ଜାତୀୟ ସ୍ତରୀୟ ପ୍ରାକ-ବିଚାରାଧୀନ ଜବତ ମାଦକଦ୍ରବ୍ୟ ବିନଷ୍ଟୀକରଣ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ୍ ବ୍ରାଚ) ବିନୟ ତୋଷ ମିଶ୍ର, ଆଇଜିପି (କ୍ରାଇମ୍ ବ୍ରାଂଚ) ଡ ସାର୍ଥକ ଷଡଙ୍ଗୀ, ଡିଆଇଜିପି (ଏସଟିଏଫ) ଡ କନୱର ବିଶାଳ ସିଂଙ୍କ ସହିତ ପୋଲିସ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜ ବକ୍ତବ୍ୟରେ ଶ୍ରୀଖୁରାନିଆ କହିଥିଲେ, ଗଠିତ ହେବାକୁ ଥିବା ଆଂଟି ନାର୍କୋଟିକ୍ସ ଦ୍ୱାରା ପ୍ରତିବର୍ଷ ଅତିକମରେ ୧୦୦ ଜଣ ପ୍ରମୁଖ ଡ୍ରଗ୍ ମାଫିଆଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରିଯିବ।

## ଦିଲ୍ଲୀ ଓ ଅନ୍ୟ ୪ ରାଜ୍ୟରେ ଏସ୍‌ଆଇଆର ଆରମ୍ଭ

ନୂଆଦିଲ୍ଲୀ,୧/୭: ଜାତୀୟ ରାଜଧାନୀ ଦିଲ୍ଲୀ ସହିତ ମହାରାଷ୍ଟ୍ର, କର୍ଣ୍ଣାଟକ, ମେଘାଳୟ ଓ ଝାଡଖଣ୍ଡରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର) ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହିସବୁ ରାଜ୍ୟରେ ଜୁନ୍ ୩୦ରୁ ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଏସ୍‌ଆଇଆର ପ୍ରକ୍ରିୟା ଚାଲିବ। ଅଗଷ୍ଟ ୫ରେ ଚିଠା ଭୋଟର ତାଲିକା ଓ ଅକ୍ଟୋବର ୭ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।



## ରଥଯାତ୍ରା ପାଇଁ ଗଡ଼ିବ ଗୋନ୍ଦିଆ-ପୁରୀ ସ୍ପେସାଲ



ଭୁବନେଶ୍ୱର,୧/୭(ନି/ପ୍ର): ଭାରତୀୟ ରେଳପଥ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ ମହାରାଷ୍ଟ୍ରର ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ଏକଯୋଡ଼ା ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତି ନେଇଛି। ଏନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସ୍ପେଶାଲ ଟ୍ରେନ୍‌ଗୁଡ଼ିକ ହେଲା, ଗୋନ୍ଦିଆ ଜଙ୍କସନ-ପୁରୀ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ୍ ଗୋନ୍ଦିଆ ଜଙ୍କସନରୁ ଜୁଲାଇ ୨, ୯, ୧୬ ଏବଂ ୨୯ରେ ଦିନ ୧ଟା ୩୦ ମିନିଟରେ ଛାଡ଼ିବ ଏବଂ ପରଦିନ ପୂର୍ବାହ୍ନ ୧୦ଟାରେ ପୁରୀରେ ପହଂଚିବ। ସେହିପରି ପୁରୀ-ଗୋନ୍ଦିଆ ଜଙ୍କସନ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ୍ ପୁରୀରୁ ଜୁଲାଇ ୩, ୧୦, ୧୭ ଏବଂ ୩୦ରେ ଦିନ ୧ଟାରେ ଛାଡ଼ିବ ଏବଂ ପରଦିନ ସକାଳ ୭ଟାରେ ଗୋନ୍ଦିଆ ଜଙ୍କସନରେ ପହଂଚିବ। ଏହି ସ୍ପେଶାଲ ଟ୍ରେନ୍ ଉଭୟ ଦିଗରୁ ଡୋଙ୍ଗରଗଡ଼, ରାଜନନ୍ଦଗାଁ, ଦୁର୍ଗ, ରାୟପୁର, ଲାଖୋଲି, ଖରିଆର ରୋଡ୍, କଟାଂବାଞ୍ଜି, ଟିଟିଲାଗଡ଼, ବଲାଙ୍ଗିର, ବରଗଡ଼ ରୋଡ୍, ସମ୍ବଲପୁର, ଅନୁଗୋଳ, ତାଳଚେର ରୋଡ୍, ଢେଙ୍କାନାଳ, କଟକ, ଭୁବନେଶ୍ୱର ଏବଂ ଖୋରଧା ରୋଡ୍ ଷ୍ଟେସନରେ ରହଣି କରିବ।

## ରାମମନ୍ଦିର ଦାନ ଅର୍ଥ ଚୋରି: ଜୁଲାଇ ୧୫ ପର୍ଯ୍ୟନ୍ତ ଏସ୍‌ଆଇଟିକୁ ତଦନ୍ତ ପାଇଁ ଅତିରିକ୍ତ ସମୟ

ଭୁବନେଶ୍ୱର,୧/୭(ନି.ପ୍ର): ଅଧିକ ଖୋଳତାଡ଼ କରିବ ଏସଆଇଟି । ରାମମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ତଦନ୍ତକାରୀ ସଂସ୍ଥାକୁ ମିଳିଲା ଅତିରିକ୍ତ ସମୟ । ସୂଚନା ଅନୁସାରେ ଜୁଲାଇ ୧୫ ପର୍ଯ୍ୟନ୍ତ ଏସଆଇଟି ମାମଲାର ତଦନ୍ତ କରିବ । ସେପଟେ ଦାନ ଅର୍ଥ ଚୋରିର ଚେର କେଉଁ ପର୍ଯ୍ୟନ୍ତ ମାଡ଼ିଛି ଏନେଇ ଅଧିକ ତଥ୍ୟ ଯୋଗାଡ ପାଇଁ ଆଯୋଧ୍ୟା ପୁଲିସ ଇଡିର ସାହାଯ୍ୟ ନେଇପାରେ । ରାମମନ୍ଦିର ଦାନ ଅର୍ଥ ଲୁଟ ଘଟଣା କେବଳ ଏକ ଚୋରି ନୁହେଁ ବଂର ହଜାର ହଜାର ରାମଭକ୍ତଙ୍କ ମନୋଭାବକୁ ଆଘାତ ଦେଇଛି । ତେଣୁ ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ନଲଢ଼ିବାକୁ ଆଇନଜୀବୀଙ୍କୁ ଅପିଲ କରିଛି ଅଯୋଧ୍ୟା ବାର ଆସୋସିଏସନ । ସେପଟେ ଜେରା ସମୟରେ ଅଭିଯୁକ୍ତ ଗୋଟିଏ ପରେ ଗୋଟିଏ ତଥ୍ୟ ଉଗାରୁଛନ୍ତି । ଅଯୋଧ୍ୟା ରାମମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ନୂଆ ନୂଆ ତଥା ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଛି ।ଗିରଫ ୮ଜଣ ଅଭିଯୁକ୍ତ ଉଗାରୁଛନ୍ତି ସତ ।



## କେତନ ହତ୍ୟା ମାମଲା :ଲୋହାଗଡ଼ ଦୁର୍ଗକୁ ୫୦ ପ୍ରତିଶତ ବଢ଼ିଲେ ପର୍ଯ୍ୟଟକ



### ଠେଲା ଯାଇଥିବା ସ୍ଥାନ ହେଲା 'ସିୟା ପଏଂଟ'

ପୁନେ,୧/୭: ପୁନେର ପ୍ରସିଦ୍ଧ ଲୋହାଗଡ଼ ଦୁର୍ଗରେ ବିଗତ କିଛି ଦିନ ହେଲା ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରାୟ ୫୦ ପ୍ରତିଶତ ବଢ଼ିଯାଇଛି। ଯୁବ ବ୍ୟବସାୟୀ କେତନ ଅଗ୍ରୱାଲ(୨୬)ଙ୍କ ହତ୍ୟାକାଣ୍ଡ ପରେ ସେଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଏଭଳି ଅପ୍ରତ୍ୟାଶିତ ବଢ଼ିଥିବା ଚର୍ଚ୍ଚା ଚାଲିଛି । ଜୁନ୍ ୧୮ ତାରିଖରେ ଭାବିପତ୍ନୀ ସିୟା ଗୋୟଲ ପ୍ରେମିକ ଚେତନ ଚୌଧୁରୀଙ୍କ ସହ ମିଶି କେତନଙ୍କୁ ଏହି ଦୁର୍ଗରୁ ଠେଲି ହତ୍ୟା କରିଥିବା ଅଭିଯୋଗ ରହିଛି । ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡ ପରେ ସିୟା-ଚେତନ ଯେଉଁସ୍ଥାନରୁ କେତନଙ୍କୁ ଠେଲିଥିଲେ ତାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି । ଲୋକେ ସୁରକ୍ଷାକର୍ମୀ, ଗାଇଡ୍ ଏବଂ ଅନ୍ୟ ଟ୍ରେକରମାନଙ୍କୁ ସେହି ସ୍ଥାନ ସଂପର୍କରେ ପଚାରିଯାଉଛନ୍ତି । ସେହିସ୍ଥାନକୁ 'ସିୟା ପଏଂଟ' ବୋଲି ମଧ୍ୟ କୁହାଯାଉଛି। ଇତିମଧ୍ୟରେ ହତ୍ୟାକାଣ୍ଡର ତଦନ୍ତ ଲାଗି ଲୋନାୱାଲା ଗ୍ରାମୀଣ ପୁଲିସ ଲୋହାଗଡ଼ ଦୁର୍ଗକୁ ପର୍ଯ୍ୟଟକଙ୍କ ଲାଗି ସାମୟିକ ଭାବେ ବନ୍ଦ ଘୋଷଣା କରିଛି। ପୂର୍ବରୁ ଅଭିଯୁକ୍ତ ସିୟାଙ୍କ ସହ କ୍ରାଇମ ସିନ୍ ରିକ୍ରିଏସନ୍ ସମୟରେ ଦୁର୍ଗକୁ ସାମୟିକ ଭାବେ ବନ୍ଦ କରାଯାଇଥିଲା। ଏବେ ତଦନ୍ତକାରୀମାନେ ଅନ୍ୟତମ ଅଭିଯୁକ୍ତ ଚେତନ ଚୌଧୁରୀଙ୍କ ଫରେନସିକ୍ 'ଗେଟ୍ ଆନାଲିସିସ୍' ଲାଗି ପ୍ରସ୍ତୁତ ହେଉଥିବାବେଳେ ପୁଣି ସେଭଳି ପଦକ୍ଷେପ ନିଆଯାଇଛି । 'ଗେଟ୍ ଆନାଲିସିସ୍' ହେଉଛି ଏଭଳି ଏକ ଫରେନସିକ୍ କୌଶଳ ଯାହାଦ୍ୱାରା ଭିଜୁଆଲ୍ ସାକ୍ଷ୍ୟରେ କଏଦ ହୋଇଥିବା ନିଆରା ଚାଲିବା ଶୈଳୀ, ଶାରିରୀକ ଗତିବିଧିରୁ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଏ । ପୁଲିସ ସନ୍ଦେହ କରୁଛି ଯେ, ଘଟଣାଦିନ ଚେତନଙ୍କୁ ଲୋହାଗଡ଼ ଦୁର୍ଗ ଗେଟ୍ ନିକଟରେ ଦେଖାଯାଇଥିଲା । ସେତେବେଳେ ସେ ଏକ ହୁଡି ଜ୍ୟାକେଟ୍ ପିନ୍ଧିଥିଲେ । ଏଭଳିସ୍ଥଳରେ ସିସିଟିଭି ଏବଂ ଭିଡିଓ ଫୁଟେଜ୍ ସହ ତାଙ୍କର ଚାଲିବା ଶୈଳୀ, ଶାରିରୀକ ଗତିବିଧିକୁ ମ୍ୟାଚ୍ କରି ତାଙ୍କର ଉପସ୍ଥିତି ନେଇ ସ୍ପଷ୍ଟ ହେବାକୁ ଉଦ୍ୟମ କରାଯିବ । ପୁଲିସ ମଧ୍ୟ ଚେତନଙ୍କୁ ନେଇ ପୁଣିଥରେ କ୍ରାଇମ ସିନ୍ ରିକ୍ରିଏସନ୍ କରିବ । ସେହି ସମୟରେ ଘଟଣାଦିନ ଚେତନ ପିନ୍ଧିଥିବା ପୋଷାକକୁ ଉଦ୍ଧାର କରିବାକୁ ଉଦ୍ୟମ କରାଯିବ।

## ୬ ପର୍ଯ୍ୟନ୍ତ ପ୍ରବଳ ବର୍ଷା

ଭୁବନେଶ୍ୱର,୧/୭(ନି/ପ୍ର): ଜୁନ୍‌ରେ ସ୍ୱାଭାବିକରୁ କମ୍ ବର୍ଷା ହୋଇଥିବା ବେଳେ ଜୁଲାଇରେ ମଧ୍ୟ ଦେଶରେ ସ୍ୱାଭାବିକରୁ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ପୂର୍ବ-କେନ୍ଦ୍ରୀୟ ଏବଂ ପୂର୍ବାଂଚଳ ଦ୍ୱୀପପୁଞ୍ଜ ଅଂଚଳର କେତେକ ସ୍ଥାନରେ ସ୍ୱାଭାବିକ ବର୍ଷାର ସମ୍ଭାବନା ରହିଛି। ଜୁଲାଇରେ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକରୁ ଅଧିକ ରହିବାର ସମ୍ଭାବନା ରହିଛି। ଜୁନ୍‌ରେ ଗୋଟିଏ ହେଲେ ଲଘୁଚାପ ସୃଷ୍ଟି ହୋଇନାହିଁ। କିନ୍ତୁ ଜୁଲାଇ ୩ ସୁଦ୍ଧା ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି।ଆଇଏମ୍‌ଡିର ପୂର୍ବାନୁମାନ ଅନୁସାରେ ଜୁଲାଇରେ ଉପକୂଳ ଏବଂ ପଶ୍ଚିମ ଓଡ଼ିଶାରେ ବର୍ଷା ସ୍ୱାଭାବିକରୁ ଅଧିକ ରହିପାରେ।

## ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ତୀବ୍ର କଟାକ୍ଷ: 'କାଳନେମୀ' ଭଳି କପଟତା କରୁଛନ୍ତି



ରାମପୁର,୧/୭: ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ରାମପୁରଠାରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶିଳାନ୍ୟାସ ଅବସରରେ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ଅଯୋଧ୍ୟା, କାଶୀ ବିଶ୍ୱନାଥ ଓ ପ୍ରୟାଗରାଜ ମହାକୁମ୍ଭର ଭବ୍ୟ ରୂପାନ୍ତରଣକୁ ବିରୋଧୀମାନେ ହଜମ କରି ନପାରି ମିଥ୍ୟା ଓ ଭ୍ରମାତ୍ମକ ପ୍ରଚାର କରୁଥିବା ସେ ଅଭିଯୋଗ କରିଛନ୍ତି। ସେ ବିରୋଧୀଙ୍କୁ ରାମାୟଣର କପଟୀ ରାକ୍ଷସ 'କାଳନେମୀ' ସହ ତୁଳନା କରି କହିଛନ୍ତି ଯେ, ଯେଉଁମାନେ ପୂର୍ବରୁ ରାମ-କୃଷ୍ଣଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଥିଲେ, ସେମାନେ ଏବେ ଅଯୋଧ୍ୟା ଦର୍ଶନ ପାଇଁ ବ୍ୟାକୁଳ ହେଉଛନ୍ତି। ଜନସାଧାରଣ ଏଭଳି ପ୍ରତାରକମାନଙ୍କୁ ଚିହ୍ନଟ କରି ସମୁଚିତ ଜବାବ ଦେବାକୁ ସକ୍ଷମ ବୋଲି ସେ କହିଛନ୍ତି। ପୂର୍ବ ସରକାର କେବଳ ତୁଷ୍ଟୀକରଣ ରାଜନୀତି କରୁଥିବା ବେଳେ ବର୍ତ୍ତମାନର ଡବଲ-ଇଞ୍ଜିନ ସରକାର ସାଧାରଣ ଜନତାଙ୍କ ସନ୍ତୋଷ ପାଇଁ କାମ କରୁଛନ୍ତି ବୋଲି ଯୋଗୀ କହିଛନ୍ତି।ସମାଜବାଦୀ ପାର୍ଟିକୁ ଟାର୍ଗେଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି

## ପେଟ୍ରୋଲ୍, ଡିଜେଲ୍ ଦାମ୍ କମାଇଲା ନାୟରା




ନୂଆଦିଲ୍ଲୀ,୧/୭:ଘରୋଇ ତୈଳ ବିପଣନ କମ୍ପାନି ନାୟରା ଏନର୍ଜି ପକ୍ଷରୁ ପେଟ୍ରୋଲ ଓ ଡିଜେଲ ଦରରେ ଲିଟର ପିଛା ଯଥାକ୍ରମେ ୫ ଟଙ୍କା ଓ ୩ ଟଙ୍କାର ହ୍ରାସ କରାଯାଇଛି। ସାରା ଦେଶରେ ଥିବା ପ୍ରାୟ ୭୦୦୦ ନାୟରା ପେଟ୍ରୋଲ ପମ୍ପରେ ଗ୍ରାହକମାନେ ଆଗକୁ ଶସ୍ତାରେ ତେଲ କିଣିପାରିବେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେ?ଳ ଦର ୭୫ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇବା ପରେ ପ୍ରଥମ କମ୍ପାନି ଭାବେ ନାୟରା ଏନର୍ଜି ପେଟ୍ରୋଲ ଓ ଡିଜେଲ ଦର କମାଇଛି। ନାୟରା ଏନର୍ଜିର ପେଟ୍ରୋଲ ପମ୍ପରେ ତେଲ ଦର ବିଭିନ୍ନ ରାଜ୍ୟର ଭାଟ୍ ଅନୁସାରେ ଭିନ୍ନ ଭିନ୍ନ ପରିମାଣରେ ହ୍ରାସ ପାଇବ। ତେବେ ତିନି ସରକାରୀ ତୈଳ କମ୍ପାନି ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ ତେଲ ଦରରେ କୌଣସି ହ୍ରାସ କରିନାହାନ୍ତି। କିଛି ଦିନ ପୂର୍ବେ ସେମାନେ ଚାରି ଥରରେ ପେଟ୍ରୋଲ ଓ ଡିଜେଲ ଦରରେ ପ୍ରାୟ ୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। କିନ୍ତୁ ଅଶୋଧିତ ତେଲ ଦର କମିବା ପରେ ତାହାର ଲାଭ ସେମାନେ ଗ୍ରାହକଙ୍କ ନିକଟରେ ପହଚାଂଉନାହାନ୍ତି। ଅଶୋଧିତ ତେଲ ଦର ୧୦୦ ଡଲାର ଉପରେ ଥିବା ବେଳେ ଏହି ତିନି କମ୍ପାନି ଦୈନିକ ୧୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହିଥିଲେ। ସେହି କ୍ଷତି ଭରଣା ହେବା ପର୍ଯ୍ୟନ୍ତ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇବ ନାହିଁ ବୋଲି ଆଶା କରାଯାଉଛି। ଯଦି ଅନ୍ତର୍ଜାତୀୟ ବଜାରରେ ତେଲ ଦର ଏଭଳି ନିମ୍ନ ସ୍ତରରେ ରହିବ ତେବେ ଆସନ୍ତା ଦଶହରା ବେଳକୁ ପେଟ୍ରୋଲ ଓ ଡିଜେଲ ଦର କମ୍ ହୋଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ଆବଶ୍ୟକ ହେଲେ ଇରାନ ଉପରେ ଆଉ ଏକ ଆକ୍ରମଣ କରାଯିବ:

### ଚେତାବନୀ ଦେଲେ ନେତାନ୍ୟାହୁ

ତେଲଅଭିଭ,୧/୭: ଇରାନ ଉପରେ ପୂର୍ବରୁ ହୋଇଥିବା ଆକ୍ରମଣ ଇସ୍ରାଏଲକୁ ପରମାଣୁ ବିନାଶରୁ ରକ୍ଷା କରିଥିଲା ବୋଲି ଦାବି କରି ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବେ ଚେତାବନୀ ଦେଇଛନ୍ତି ଯେ, ଆବଶ୍ୟକ ହେଲେ ଇରାନ ଉପରେ ତୃତୀୟ ଆକ୍ରମଣ କରିବାକୁ ଇସ୍ରାଏଲ ପ୍ରସ୍ତୁତ। ଏହା ସଙ୍କେତ ଦେଉଛି ଯେ, ୱାସିଂଟନ୍ ଏବଂ ତେହେରାନ ମାସ ମାସ ଧରି ଚାଲିଥିବା ଆଂଚଳିକ ଉତ୍ତେଜନାକୁ ଶେଷ କରିବା ପାଇଁ ଏକ ଶାନ୍ତି ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ପ୍ରୟାସ ଜାରି ରଖିଥିବା ସତ୍ତ୍ୱେ ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନରୁ ନଓହରିବାକୁ ଚେତାବନୀ ଦେଉଛି।ନେତାନ୍ୟାହୁ ତାଙ୍କର ସଦ୍ୟତମ ମନ୍ତବ୍ୟରେ କହିଛନ୍ତି ଯେ, ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା ପାଇଁ ଇସ୍ରାଏଲ ସ୍ୱାଧୀନ ଭାବରେ କାର୍ଯ୍ୟ କରିବ। ଏହା ସହ ସେ ଘୋଷଣା କରିଛନ୍ତି ଯେ, ଯଦି ଇସ୍ରାଏଲୀ ସୁରକ୍ଷା ଦାବି ପୂରଣ ନ ହୁଏ ତେବେ ଆଉ ଏକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏକ ସାକ୍ଷାତକାରରେ ନେତାନ୍ୟାହୁ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ତାଙ୍କ ସରକାରଙ୍କ କଠୋର ମନୋଭାବକୁ ଦୋହରାଇ ତେହେରାନ ବିରୋଧରେ ହୋଇଥିବା ପୂର୍ବ ସାମରିକ କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ବୋଲି କହିଛନ୍ତି।ଇରାନ ଉପରେ ଆକ୍ରମଣ କରି ଆମେ ପରମାଣୁ ବୋମା ମାଡ଼ ଆଶଙ୍କାରୁ ନିଜକୁ ରକ୍ଷା କରିଥିଲୁ। ଯଦି ଆବଶ୍ୟକ ହୁଏ ତେବେ ତୃତୀୟ ଥର ପାଇଁ ଆକ୍ରମଣ ହେବ। ଆମେରିକା ଏବଂ ଇରାନ ଏକ ପ୍ରାରମ୍ଭିକ ଅସ୍ତ୍ରବିରତି ପ୍ରସ୍ତାବକୁ ଏକ ରାଜନୈତିକ ସମାଧାନରେ ପରିଣତ କରିବା ପାଇଁ ଆଲୋଚନା ଜାରି ରହିଥିବା ବେଳେ ଏକ ସଙ୍କଟ ଜନକ କୂଟନୈତିକ ମୁହୂର୍ତ୍ତରେ ନେତାନ୍ୟାହୁ ଏଭଳି ଚେତାବନୀ ଦେଇଛନ୍ତି। ଆଂଚଳିକ ସମନ୍ୱୟ ଏବଂ ଅନ୍ତର୍ଜାତୀୟ ସମର୍ଥନରେ କତାର ମଧ୍ୟସ୍ଥତାରେ ହେଉଥିବା ଏହି ଆଲୋଚନା ମାଧ୍ୟମରେ ଶତ୍ରୁତା ସମାପ୍ତ କରିବା, କଟକଣାକୁ କୋହଳ କରିବା, ପରମାଣୁ ଚିନ୍ତାର ସମାଧାନ କରିବା ଏବଂ ମଧ୍ୟପ୍ରାଚ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ସ୍ଥିର କରିବାର ପ୍ରୟାସ ଜାରି ରହିଛି। ତେବେ ଇସ୍ରାଏଲ ବାରମ୍ବାର ସଙ୍କେତ ଦେଉଛି, ଆମେ ନିଜକୁ ଏପରି କୌଣସି ଚୁକ୍ତି ଦ୍ୱାରା ଆବଦ୍ଧ ବୋଲି ଭାବୁନାହୁଁ ଯାହା ଇରାନର ସାମରିକ କିମ୍ବା ପରମାଣୁ କ୍ଷମତାକୁ ଅକ୍ଷୁଣ୍ଣ ରଖିବ।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାର୍ବଜନୀନ ଭାବରେ ସଂଯମତା ପାଇଁ ଅନୁରୋଧ କରିଛନ୍ତି ଏବଂ ପୁନର୍ବାର ଉତ୍ତେଜନା ନବଢ଼ାଇବା ପାଇଁ ଚେତାବନୀ ମଧ୍ୟ ଦେଇଛନ୍ତି।






# କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ



କେନ୍ଦୁଝର,୧/୭(ନି/ପ୍ର) :କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ କଲେକ୍ଟରେଟ୍ ଦରବାର ହଲ୍‌ରେ ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିସଂଖ୍ୟାନର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ମହାଳିକ କହିଥିଲେ ଯେ, ରାଜ୍ୟ ତଥା ଜାତୀୟ ସ୍ତରରେ ଦେଶର ବିକାଶ କ୍ଷେତ୍ରରେ ପରିସଂଖ୍ୟାନ ଏକ ମୂଳଦୁଆ ସଦୃଶ। ସଠିକ୍ ତଥ୍ୟ ବ୍ୟତୀତ ଦେଶରେ କୌଣସି ପ୍ରକାରର ଲୋକହିତକର ଯୋଜନା ପ୍ରଣୟନ କରିବା କେବଳ କଷ୍ଟସାଧ୍ୟ ନୁହେଁ, ବରଂ ଅସମ୍ଭବ। ତେଣୁ ସଠିକ୍ ପରିସଂଖ୍ୟାନ ହିଁ ସର୍ବାଙ୍ଗୀନ ବିକାଶର ପଥ ପରିଷ୍କାର କରିଥାଏ ବୋଲି ସେ ମତପୋଷଣ କରିଥିଲେ। ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଡ. ଅଜିତ କୁମାର ବରାଳ ପରିସଂଖ୍ୟାନକୁ ଜୀବନ ଦର୍ଶନ ସହ ତୁଳନା କରିଥିଲେ। ସେ ସୂଚାଇଥିଲେ ଯେ, ଯେପରି ଲକ୍ଷ୍ୟହୀନ ଜୀବନର କୌଣସି ଅର୍ଥ ନାହିଁ, ସେହିପରି ସଠିକ୍ ପରିସଂଖ୍ୟାନ ବିନା ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତିଗୁଡ଼ିକ ପ୍ରାୟତଃ ଲକ୍ଷ୍ୟଭ୍ରଷ୍ଟ ହୋଇଥାଏ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ନିର୍ଭୁଲ ତଥ୍ୟକୁ ଆଧାର କରି ନିଷ୍ପତି ନେବା ଅତ୍ୟନ୍ତ ଜରୁରୀ ବୋଲି ସେ ଦର୍ଶାଇଥିଲେ। ଏହି ଅବସରରେ ଉପନିର୍ଦ୍ଦେଶକ(ଯୋଜନା ଓ ପରିସଂଖ୍ୟାନ) ଶ୍ରୀ ଗଜେନ୍ଦ୍ର କୁମାର ବେହେରା ପରିସଂଖ୍ୟାନର ବ୍ୟାପକତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ କହିଥିଲେ, 'ସଠିକ୍ ପରିସଂଖ୍ୟାନ ସରକାରଙ୍କୁ ସମୟୋପଯୋଗୀ ଯୋଜନା ପ୍ରଣୟନ କରିବାରେ ସହାୟତା କରିଥାଏ, ଯାହା ଦେଶର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥାଏ।' ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଉଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଧାରା, କୃଷି ଓ ଜଳସେଚନ ଗଣନା, ଶସ୍ୟକାଟ ପରୀକ୍ଷା, ମୂଲ୍ୟ ସୂଚକାଙ୍କ ନିର୍ଦ୍ଧାରଣ, ଶିଳ୍ପ ସର୍ଭେ, ଜିଲ୍ଲା ପରିସଂଖ୍ୟାନ ହାଣ୍ଡବୁକ୍ ପ୍ରସ୍ତୁତି ଓ ଜାତୀୟ ନମୁନା ସର୍ଭେ ଆଦି କିଭଳି ନୀତି ନିର୍ଦ୍ଧାରଣରେ ମୂଳଦୁଆ ସାଜିଛି, ସେ ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ପରିସଂଖ୍ୟାନ କ୍ଷେତ୍ର କାର୍ଯ୍ୟରେ ଉନ୍ନମ ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ ଭାବେ ୨୦୨୫-୨୬ କୃଷି ବର୍ଷ ପାଇଁ ନିରବଚ୍ଛିନ୍ନ ଓ ନିଷ୍ଠାପର ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ନିମନ୍ତେ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସେମାନଙ୍କୁ ଭବିଷ୍ୟତରେ ଆହୁରି ଅଧିକ ଦକ୍ଷତାର ସହ କାର୍ଯ୍ୟ କରିବାକୁ ଉତ୍ସାହିତ କରିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଶ୍ରୀ କୁମାର ନାଗଭୂଷଣ, ଡିଡି ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର ଡ. ନବଘନ ମଲ୍ଲିକ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସାର୍ଥକ ଅଭିନନ୍ଦନ ରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ପ୍ରଫେସର ଏବଂ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

## କେନ୍ଦୁଝରରେ ଟୀକାକରଣ ଅଭିଯାନ: ୮୨% ଶିଶୁଙ୍କୁ ଟୀକା

କେନ୍ଦୁଝର,୧/୭(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଜାରି ରହିଥିବା ସ୍ୱତନ୍ତ୍ର ଟିକାକରଣ ଅଭିଯାନ ସଫଳତାର ସହ ଆଗେଇ ଚାଲିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ, ଜିଲ୍ଲାରେ ମୋଟ ୧,୭୬,୬୫୯ ଜଣ ଶିଶୁଙ୍କୁ ଟିକାକରଣ ପରିସରଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ବର୍ତମାନ ସୁଦ୍ଧା ୧,୪୪,୪୭୨ ଜଣ ଶିଶୁ ଟୀକା ନେଇସାରିଛନ୍ତି। ଏହି ସଫଳତା ସହ ଜିଲ୍ଲା ୮୨ ପ୍ରତିଶତ ଲକ୍ଷ୍ୟ ହାସଲ କରିଛି। ଏହି ସ୍ୱତନ୍ତ୍ର ଅଭିଯାନର ଜିଲ୍ଲାସ୍ତରୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦୁଝର ସିଡିଏମ୍ ଆଣ୍ଡ ପିଏଚ୍‌ଓ ଡ଼ଃ ଧନେଶ୍ୱର ସେଠୀ ଏହି ଅଭିଯାନକୁ ଔପଚାରିକ ଭାବେ ଉଦଘାଟନ କରିଥିଲେ। ଟୀକାକରଣ କାର୍ଯ୍ୟକ୍ରମରେ କୌଣସି ଶିଶୁ ଯେପରି ବାଦ୍ ନପଡ଼ନ୍ତି, ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅଭିଯାନର ଶେଷ ଦୁଇଦିନରେ କୌଣସି ଶିଶୁ ଯେପରି ଟୀକାରୁ ବଂଚିତ ନହୁଅନ୍ତି, ସେଥିପାଇଁ ସ୍ୱାସ୍ଥ୍ୟକର୍ମୀମାନେ 'ଘରକୁ ଘର' ବୁଲି ଟୀକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପ୍ରତିନିଧି ଭାବେ ଯୁଗ୍ମ ନିର୍ଦ୍ଦେଶକ(ଏମ୍ଏଚ୍) ଡ଼ଃ ଅଭିଜିତ କୁଅଁର ଯୋଗଦେଇଥିଲେ।



କେନ୍ଦୁଝର ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିରରେ ଦେବସ୍ନାନ ଓ ଶ୍ରୀ ଜୀଉଙ୍କ ଗଜାନନ ବେଶ

# ସ୍ୱତନ୍ତ୍ର ସଘନ ସଂଶୋଧନର ପରବର୍ତୀ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧/୭(ନି/ପ୍ର): ରାଜ୍ୟବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମର ପରବର୍ତୀ ପର୍ଯ୍ୟାୟକୁ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୂଚନା ଦିଆଯାଇଥିଲା ଯେ, ଗତ ୩୦ ମଇରୁ ୨୮ ଜୁନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପାଚଂଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଅନ୍ତର୍ଗତ ଫର୍ମ ସଂଗ୍ରହ ଏବଂ ଡିଜିଟାଇଜେସନ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି। ବର୍ତମାନ ପରବର୍ତୀ ପର୍ଯ୍ୟାୟର ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଠିକ୍ ଭାବେ ସମ୍ପାଦନ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ ୫ ଜୁଲାଇ, ୨୦୨୬ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତି ଗ୍ରହଣ କରାଯିବ। ଦାବି ଓ ଆପତିର ଯାଂଚ ଓ ଫଇସଲା ୪ ଅଗଷ୍ଟରୁ ୨ ସେପଟ୍ମେର ମଧ୍ୟରେ ସମ୍ପନ୍ନ ହେବ ଏବଂ ୬ ସେପଟ୍ମେର, ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଜିଲ୍ଲାପାଳ ଶ୍ରୀ ଆୟର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ଦାବି ଓ ଆପତି ଗ୍ରହଣ ଏବଂ ତାହାର ଫଇସଲା ସମ୍ପୂର୍ଣ୍ଣ ସ୍ୱଚ୍ଛତା, ନିରପେକ୍ଷତା ଓ ସମୟବଦ୍ଧ ଭାବେ ସମ୍ପାଦନ କରାଯିବା ସହିତ କୌଣସି ଯୋଗ୍ୟ ମତଦାତା ଯେପରି ତାଲିକାରୁ ବାଦ୍ ନପଡ଼ନ୍ତି ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ। ବୈଠକରେ ୯୬-ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ରଜତ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାୟର ମହାନ୍ତି, ୯୭-କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ତଥା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ୯୮-ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ୯୯-ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ତଥା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ତଥା ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାଞ୍ଜଳି ମାଝୀଙ୍କ ସମେତ ଉପସ୍ଥିତ ଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଗଜପତି ଦିବସ ପାଳିତ

ଭୁବନେଶ୍ୱର,୧/୭(ନି/ପ୍ର): 'କେବଳ ଓଡ଼ିଆ ବୋଲି ଗର୍ବ କରିବା ଯଥେଷ୍ଟ ନୁହେଁ, ବରଂ ଏହି ଗୌରବଶାଳୀ ଜାତିକୁ ଆଜି ନିଜର ଭିତରକୁ ଚାହିଁ ଆତ୍ମ-ଅନୁଶୀଳନ କରିବାକୁ ପଡ଼ିବ। ଆମେ ଭୁଲିଯିବା ଉଚିତ ନୁହେଁ ଯେ, ପ୍ରଥମ ଓଡ଼ିଆ ସମ୍ରାଟ ଗଜପତି କପିଳେନ୍ଦ୍ର ଦେବ ନିଜର ବିଶାଳ ସାମ୍ରାଜ୍ୟକୁ ସେହି ସମୟରେ ଜଗନ୍ନାଥ ସଂସ୍କୃତି ଓ ଜାତୀୟତାର ଏକ ସୂତ୍ରରେ ବାନ୍ଧିଥିଲେ। ସେ ସମଗ୍ର ବିଶ୍ୱକୁ ବାର୍ତା ଦେଇଥିଲେ ଯେ ଉତ୍କଳ ଭୂମିର ପ୍ରକୃତ ଅଧିପତି ବା ସମ୍ରାଟ ହେଉଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ ଏବଂ ଗଜପତି ମାତ୍ର ତାଙ୍କର ପ୍ରଥମ ସେବକ। ଶତାବ୍ଦୀ ଶତାବ୍ଦୀ ଧରି ତାଙ୍କର ଏହି ସନାତନ ଓ ସାର୍ବଭୌମ ନୀତି ହିଁ ଆମ ଜାତୀୟ ଚେତନାର ମୂଳଦୁଆ' ବୋଲି 'ଗଜପତି ଦିବସ' ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏପରି ମତବ୍ୟକ୍ତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ 'ବିୟଣ୍ଡ ହେରିଟେଜ୍ ଟ୍ରଷ୍ଟ' ଏବଂ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ମିଳିତ ସହଯୋଗରେ ସୂର୍ଯ୍ୟବଂଶୀ ଗଜପତି ରାଜବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବଙ୍କ ୫୯୧ତମ ରାଜ୍ୟାଭିଷେକ ଉତ୍ସବ ବିଶ୍ୱବିଦ୍ୟାଳୟର ଏମ୍.କେ.ସି.ଜି. ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଟକ ସାଂସଦ ଭର୍ତୃହରି ମହତାବ କହିଛନ୍ତି ଯେ, 'ମଧ୍ୟକାଳୀନ ଭାରତର ଦିଗ୍‌ବିଜୟୀ ରାଜା କପିଳେନ୍ଦ୍ର ଦେବଙ୍କୁ ନେଇ ଅନେକ ଲୋକକଥା ରହିଛି, କିନ୍ତୁ ଆଜିର ପିଢ଼ି ତାଙ୍କର ପ୍ରକୃତ ଇତିହାସ ଜାଣିବା ନିହାତି ଜରୁରୀ। ସେ ଏହି ଦିଗରେ ଆହୁରି ଗଭୀର ଗବେଷଣା କରିବାକୁ ଇତିହାସକାର ଓ ଗବେଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ବିଶିଷ୍ଟ ଅତିଥି ତଥା ଐତିହାସିକ ପ୍ରଫେସର କୁଲଦୀପ୍ ଚନ୍ଦ୍ ଅଗ୍ନିହୋତ୍ରୀ ବିଦେଶୀ ଚଷମା ଖୋଲି ଭାରତୀୟ ଦୃଷ୍ଟିକୋଣରୁ ନିଜ ପୂର୍ବପୁରୁଷଙ୍କ ବୀରତ୍ୱକୁ ଜାଣିବା ଏବଂ ଗଜପତି ରାଜାମାନଙ୍କ ତଥ୍ୟକୁ ପାଠ୍ୟପୁସ୍ତକରେ ଅଧିକ ସ୍ଥାନ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ନିଜ ଅଭିଭାଷଣରେ କହିଛନ୍ତି, 'ଯଦି ଆମେ ପ୍ରକୃତ 'ଓଡ଼ିଆ ଅସ୍ମିତା'ର ସନ୍ଧାନ କରିବାକୁ ଚାହୁଁ, ତେବେ ଆମକୁ ଅତୀତକୁ ଚାହିଁବାକୁ ହେବ। ଆମ ମାଟିର ମହାନ ଗଜପତି କପିଳେନ୍ଦ୍ର ଦେବଙ୍କ ଶାସନ କାଳରେ ହିଁ ଓଡ଼ିଶାର ଭିତିଭୂମି ସୁଦୃଢ଼ ହୋଇଥିଲା। ଏହି ଉତ୍ସବ ଆଜିର 'ଜେନ-ଜି' ଯୁବପିଢ଼ିଙ୍କୁ ଓଡ଼ିଆ ଜାତି ପ୍ରତି ଗଜପତି କପିଳେନ୍ଦ୍ର ଦେବଙ୍କ ଚିରନ୍ତନ ଅବଦାନକୁ ବୁଝିବାରେ ସାହାଯ୍ୟ କରିବ।' ଏହି ଅବସରରେ ସେ ସମସ୍ତ ଅତିଥି, ଐତିହ୍ୟ ପ୍ରେମୀ, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ସାଦର ଧନ୍ୟବାଦ ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଗଜପତିଙ୍କ ବୀରତ୍ୱକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ "ସମର, ସମ୍ରାଟ, ଓ ସନାତନ" ଏବଂ କ୍ଷୁଦ୍ର ଚଳଚ୍ଚିତ୍ର "ଲକ୍ଷେ ରଜାର ମଉଡ଼ମଣି : ଗଜପତିଙ୍କ ଗୌରବମୟ ଗାଥା" ଉନ୍ମୋଚିତ ହେବା ସହ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର (ମୁଖ୍ୟବକ୍ତା), ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ (ବିଶିଷ୍ଟ ଅତିଥି), ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଏବଂ ବିୟଣ୍ଡ ହେରିଟେଜ୍ ଟ୍ରଷ୍ଟର ଅଧ୍ୟକ୍ଷ ଆର୍କିଟେକ୍ଟ ସୁଭଜ ମହାନ୍ତି ପ୍ରମୁଖ ମଂଚାସୀନ ଥିଲେ। ଅନୁଷ୍ଠିତ ଆଲୋଚନାଚକ୍ରରେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ପ୍ରଫେସର କିଶୋର କୁମାର ବାସା,, ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ଐତିହ୍ୟ ଗବେଷକ ଦୀପକ କୁମାର ନାୟକ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ସାରଗର୍ଭକ ମତ ରଖିଥିଲେ। ଏହି ଐତିହାସିକ ଉତ୍ସବରେ ବହୁସଂଖ୍ୟାରେ ଇତିହାସ ପ୍ରେମୀ, ଗବେଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣ : ମହିଳାଙ୍କ ସମେତ ୩ ଗୁରୁତର



ଆନନ୍ଦପୁର,୧/୭(ନି/ପ୍ର): କେନ୍ଦୁଝର ଜିଲା ହଡ଼ଗଡ଼ ବନାଂଚଳରେ ପୁଣି ଦନ୍ତା ଆତଙ୍କ ଦେଖାଯାଇଛି। ମଙ୍ଗଳବାର ଭୋର ପ୍ରାୟ ୫ଟା ସମୟରେ ଆନନ୍ଦପୁର ବ୍ଲକ କଟିଂପାଳ ପଚାଂୟତ ଅନ୍ତର୍ଗତ ମଠସାହି ଗ୍ରାମରେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଆହତ ମାନେ ହେଲେ ମଠ ସାହିର ବେଙ୍ଗ ଦାସ (୬୮), ନରହରି ଖିଲାର (୬୫),କାର୍ତିକ ବାରିକ (୮୦)। ମିଳିଥିବା ସୂଚନା ଅନୁଯାୟୀ, ବାଘମରା ଜଙ୍ଗଲ ନିକଟବର୍ନୀ ମଠସାହି ଗ୍ରାମର ବେଙ୍ଗ ଦାସ ଆଜି ଭୋର ସମୟରେ ଶୌଚ ପାଇଁ ଘରୁ ବାହାରକୁ ଯାଇଥିଲେ। ସେହି ସମୟରେ ଜଙ୍ଗଲରୁ ବାହାରି ଆସିଥିବା ଏକ ଦନ୍ତା ହାତୀ ସାମ୍ନାରେ ସେ ପଡ଼ିଯାଇଥିଲେ। ହାତୀଟି ତାଙ୍କ ଗୋଡ଼କୁ ଶୁଣ୍ଢରେ ମାଡ଼ିଦେଇ ଗୁରୁତର ଭାବେ ଆହତ କରିଛି। ସେହି ସମୟରେ ନିକଟରେ ଥିବା ନରହରି ଓ କାର୍ତିକ ହାତୀକୁ ଦେଖି ଭୟଭୀତ ହୋଇ ଦୌଡ଼ିବାକୁ ଚେଷ୍ଟା କରିଥିଲେ। ତରବରିଆ ଭାବେ ଦୌଡ଼ିବା ବେଳେ ସେମାନେ ତଳେ ପଡ଼ିଯାଇ ଆହତ ହୋଇଛନ୍ତି। ତାଙ୍କ ପାଟିଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଚିଂ ହାତୀକୁ ଘଉଡ଼ାଇଥିଲେ। ଆହତ ତିନିଜଣଙ୍କୁ ତୁରନ୍ତ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି। ମହିଳାଙ୍କ ଅବସ୍ଥା ଗୁରୁତର ଥିବାବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଏବେ ଆମ୍ବ-ପଣସ ଋତୁ ଚାଲିଥିବାରୁ ପାଚିଲା ଫଳ ଖାଇବା ପାଇଁ ହାତୀପଲ ଜଙ୍ଗଲ ଛାଡ଼ି ଗାଁମୁହାଁ ହେଉଛନ୍ତି। ହଦଗଡ଼ ରେଞ୍ଜ ଅଚଂଳରେ ଗତ କିଛି ଦିନ ହେଲା ହାତୀଙ୍କ ଗତିବିଧି ବଢ଼ିଯାଇଛି। ଘଟଣା ପରେ ସ୍ଥାନୀୟ ଅଚଂଳରେ ଭୟର ବାତାବରଣ ଖେଳିଯାଇଛି। ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁଙ୍କ ନେତୃତ୍ୱ ରେ ବନ ବିଭାଗ ଟିମ ଘଟଣାସ୍ଥଳରେ ପହଚିଂ ହାତୀର ଗତିବିଧି ଉପରେ ନଜର ରଖିବା ସହ ଭୋର ସମୟରେ ଏକା ନ ବାହାରିବା ଓ ସତର୍କ ରହିବାକୁ ଲୋକଙ୍କୁ ଅନୁରୋଧ କରିଛି। ଏବେ ହାତୀ ଜଙ୍ଗଲ ଭିତରକୁ ଚାଲି ଯାଇଥିବା ନେଇ ରେଞ୍ଜର କହିଛନ୍ତି।

# ତାମିଲନାଡୁ ଆମୋନିଆ ଗ୍ୟାସ ଦୁର୍ଘଟଣାରେ ଆଦିବାସୀ ଶ୍ରମିକଙ୍କ ମୃତ୍ୟୁକୁ ନେଇ କେନ୍ଦୁଝର କଂଗ୍ରେସ ସାମ୍ବାଦିକ ସମ୍ମିଳନୀ




କେନ୍ଦୁଝର,୧/୭(ନି/ପ୍ର): କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ବହୁଳ ଖଣି ଖାଦାନ ଭରା ଜିଲ୍ଲା, ଖୁଦ୍ ମୁଖମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଜିଲ୍ଲା କିନ୍ତୁ ଆମ ଜିଲ୍ଲାରୁ ହଜାର ହଜାର ଶ୍ରମିକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବାର ଦେଖିବାକୁ ମିଳୁଛି। ତାମିଲନାଡୁରେ ଆମୋନିଆ ଗ୍ୟାସ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କେନ୍ଦୁଝର ଜିଲ୍ଲା ତେଲକୋଇ ଅଂଚଳର ନାବାଳିକା ଶ୍ରମିକ ଏହା ସମ୍ବେଦନଶୀଳ ଉଦବେଗ ବିଷୟ, ଏହି ନାବାଳିକାମାନଙ୍କୁ କିଛି ଦଲାଲ ଅଧିକ ପ୍ରାପ୍ୟ ଦେବା କହି ସରଳ ଆଦିବାସୀମାନଙ୍କୁ ବୁଝାଇ ବାହାର ରାଜ୍ୟକୁ ପଠାଯାଉଛି, ଏହିସବୁ ବିଷୟ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପାଖରେ କିଛି ଖବର ନାହିଁ କି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି କି ପ୍ରଶାସନ ଏଥିପ୍ରତି ନିଘା ନାହିଁ। ଦୁଃଖ ଅନୁତାପର ବିଷୟ କେନ୍ଦୁଝର ଜିଲ୍ଲା ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ କୋଟି କୋଟି ସହାୟତା ଆସୁଛି, ତାହା କେଉଁଆଡେ ବାଟମାରଣ ହୋଇଯାଉଛି ପ୍ରଶାସନ ଜାଣିଶୁଣି ନିରବ। କେନ୍ଦୁଝର ଜିଲ୍ଲାକୁ ସୁନାର ଜିଲ୍ଲା କରିବାକୁ ମୁଖ୍ୟମନ୍ତ୍ରୀ ସର୍ବଦା ପ୍ରତିଶୃତି ଦେଇଆସୁଛନ୍ତି ତାହା ନାମକୁ ମାତ୍ର, କିନ୍ତୁ ଦୈନିକ ହଜାର ହଜାର ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ତାମିଲନାଡୁ ଗ୍ୟାସ ଦୁର୍ଘଟଣା ଜୁଆଙ୍ଗମାନଙ୍କ ମୃତ୍ୟୁପରେ ସରକାର ତତ୍ପର କେତେ ଏହା ଏକ ଉଦାହରଣ, ତେଣୁ ତେଲକୋଇ ଅଂଚଳର ୧୨ ଜଣ ମୃତ୍ୟୁ ହୋଇଥିବା ନିରୀହ ପରିବାରଙ୍କୁ ପଚିଶ ଲକ୍ଷ ଟଙ୍କା ସହାୟତା ଦେବାର ବ୍ୟବସ୍ଥା ସରକାର କରନ୍ତୁ ବୋଲି ଆଜି ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ କଂଗ୍ରେସ ଆଦିବାସୀ ଅଧ୍ୟକ୍ଷ ଶ୍ରୀ ଯଶୋବନ୍ତ ସିଂହ ଲାଗିରୀ କହିଛନ୍ତି। ଏହି ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଡିସିସି ଉପ ସଭାପତି ଲଳିତ ମୋହନ ନାୟକ, ଡିସିସି ସାଧାରଣ ସମ୍ପାଦକ ସୁଢଳ କୁମାର ସେଠୀ, ସଦର ବ୍ଲକ ସଭାପତି ଉତମ କୁମାର ସାହୁ, କଂଗ୍ରେସ ନେତା ରତ୍ନାକର ଜେନା, ରଘୁନାଥ ପାତ୍ର, କ୍ଷୀରୋଦ ପାତ୍ର, ଲୋକନାଥ ଟୁଡୁ, ପୂର୍ଣ୍ଣଚନ୍ଦ୍ର ଦାସ, ପବିତ୍ର ପାତ୍ର ବହୁ କଂଗ୍ରେସ ପ୍ରେମୀ ଉପସ୍ଥିତ ଥିଲେ।

# ଗ୍ରୀଷ୍ମପ୍ରବାହ ଯୋଗୁଁ ସ୍କୁଲଗୁଡିକୁ ପୁନଃ ସକାଳୁଆ କରିବାକୁ ଜିଲ୍ଲା କଂଗ୍ରେସର ଦାବି




ଅନୁଗୋଳ,୧/୭ (ନି/ପ୍ର) :ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତକରି ତୁରନ୍ତ ସ୍କୁଲଗୁଡିକୁ ପୁନଃ ସକାଳୁଆ କରିବାକୁ ଦାବି କରି ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ବର୍ତମାନ ସୁଦ୍ଧା ଗ୍ରୀଷ୍ମପ୍ରବାହ କମିନାହିଁ। ସ୍କୁଲଗୁଡ଼ିକ ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲୁଥିବାରୁ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରିକି ପ୍ରବଳ ଖରାରେ ଛାତ୍ରଛାତ୍ରୀମାନେ ସ୍କୁଲରେ ସଙ୍ଗ୍ୟାହୀନ ହୋଇ ପଡ଼ି ଯାଉଥିବା ଦେଖାଯାଉଛି। ସମସ୍ତ ସ୍କୁଲରେ ବିଜୁଳି ନଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆବଶ୍ୟକ ପଙ୍ଖାର ବ୍ୟବସ୍ଥା ମଧ୍ୟ ନାହିଁ। ଫଳରେ ଗ୍ରୀଷ୍ମପ୍ରବାହକୁ ଛାତ୍ରଛାତ୍ରୀମାନେ ସହି ନ ପାରି ଅସୁସ୍ଥ ହୋଇ ଯାଉଛନ୍ତି। ଏ ପର୍ଯ୍ୟନ୍ତ ମୌସୁମୀ ବର୍ଷା ମଧ୍ୟ ଠିକ୍ ଭାବରେ ଜିଲ୍ଲାରେ ହୋଇ ନାହିଁ। ଏଣୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍କୁଲଗୁଡିକୁ ପୁନଃ ସକାଳୁଆ କରିବାକୁ ଦାବି କରାଯାଇଛି। ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତପନ ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ଚିତରଞ୍ଜନ ନାଏକ, ବିନୋଦ ମାଝୀ,ସୁଦୀପ ମିଶ୍ର, ଅରୁପ ସାମଲ, ପ୍ରଦ୍ୟୁମ୍ନ ସାହୁ,ସଂଗ୍ରାମ ବେହେରା, ଅରୁଣ ଦାସ, ଅବିନାଶ ଦଳବେହେରା, ଅଶୋକ ନାଏକ, ମନୋଜ ସାହୁ ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ଫୁଲବାଣୀ ଶ୍ରୀ ମନ୍ଦିରରେ ସ୍ନାନ ପରେ ଗଜାନନ ବେଶରେ ଦର୍ଶନ ଦେଲେ ତିନି ଠାକୁର

କନ୍ଧମାଳ,୧/୭(ନି/ପ୍ର) :କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ମହା ସମାରୋହରେ ପାଳିତ ହୋଇଛି ମହାପ୍ରଭୁଙ୍କ ସମେତ ତିନି ଠାକୁରଙ୍କ ସ୍ନାନଯାତ୍ରା। ଜ୍ୟୋଷ୍ଠମାସ ପୂର୍ଣ୍ଣିମା ପ୍ରଭୁ ଜଗନ୍ନାଥଙ୍କ ଜନ୍ମ ଉତ୍ସବ ଭାବରେ ମଧ୍ୟ ପାଳନ କରାଯାଇଥାଏ। ଆଜି ପ୍ରାତଃରୁ ସମସ୍ତ ନୀତିକାନ୍ତି ପରେ ମଙ୍ଗଳ ଆଳତୀ ଶେଷ ହେବାପରେ ରତ୍ନ ସିଂହାସନ ଛାଡ଼ି ସ୍ନାନ ବେଦିକୁ ସେବକ ଗହଣରେ ବିଜେ କରିଥିଲେ ଦାରୁବ୍ରହ୍ମ। ୧୦୮ କଳସର ସୁବାସିତ ଜଳରେ ପ୍ରଥମେ ବଳଭଦ୍ରଙ୍କୁ ୩୩ ପରେ ଜଗନ୍ନାଥଙ୍କୁ ୩୫ ସୁଭଦ୍ରାଙ୍କୁ ୨୨ ଓ ସୁଦର୍ଶନଙ୍କୁ ୧୮ ଗରାରେ ସ୍ନାନ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନଦିଆ କୀର୍ତନରେ ପରିସର ପ୍ରକମ୍ପିତ ହେଉଥିବାବେଳେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡ଼ ମଧ୍ୟ ପ୍ରବଳ ଥିଲା। ସ୍ନାନପରେ ଆକର୍ଷଣୀୟ ହାତୀବେଶରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ତିନି ଠାକୁର।

ଉତ୍କଳ ସମାଚାର

## ସମ୍ପାଦକୀୟ...

### ଗୁରୁବାର ୨ ଜୁଲାଇ ୨୦୨୬

# ଇଚ୍ଛାମୃତ୍ୟୁ

ଭାରତରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ ଏକ ଧାରାରେ ପରିଣତ ହୋଇଗଲାଣି । ଏହାକୁ କେତେକ ରାଜନୈତିକ ସ୍ୱାର୍ଥ ହାସଲ ଲାଗି ବ୍ୟବହାର କରୁଛନ୍ତି । ନିକଟରେ ଓଡ଼ିଶାର କେତେକ ଚାଷୀ ମଣ୍ଡିରେ ଧାନ ବିକ୍ରୀ କରିନପାରିବା ହେତୁ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଛନ୍ତି । ଏଥିନେଇ ବିରୋଧୀ ସରକାରଙ୍କୁ ଆକ୍ଷେପ କରିଛନ୍ତି । ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଇଚ୍ଛାମୃତ୍ୟୁ ପାଇଁ ସମ୍ପୃକ୍ତ ଚାଷୀ ଆବେଦନ କରିବାର ଯଥାର୍ଥତା ରହିଛି କି ନାହିଁ ତାହା ଭିନ୍ନ କଥା । କିନ୍ତୁ ବାସ୍ତବରେ ମଣ୍ଡିର ଅବସ୍ଥା ଅତି କରାପ ଏବଂ ଚାଷୀ ଶୋଷଣର ଶିକାର ହେଉଛନ୍ତି । ସରକାରୀ କିରାଣୀ ବା ପିଅନଟିଏ ବସି ବସି ମୋଟା ଅଙ୍କର ଦରମା ନେଇ ଘରକୁ ଯାଉଛି । ଅଥଚ ଆମକୁ ଦାନା ଯୋଗାଉଥିବା ଚାଷୀଟିଏ ନିଜ ପରିଶ୍ରମର ମୂଲ୍ୟ ପାଇବାକୁଏତେ ସଂଘର୍ଷ କରିବ ତାହା ବାସ୍ତବରେ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ । ସ୍ୱାଧୀନ ଭାରତରେ ଏହା ଆଶା କରାଯାଉନଥିଲା । ଭାରତ ଏକ କୃଷି ପ୍ରଧାନଦେଶ ଏବଂ ଦେଶର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ । କୃଷି କ୍ଷେତ୍ରରେ ଭାରତର ସର୍ବାଧିକ ବ୍ୟକ୍ତି କର୍ମ ନିଯୁକ୍ତି ପାଇଛନ୍ତି । ଅନେକ କୃଷିଭିତିକ ଶିଳ୍ପ ପ୍ରତିଷ୍ଠା ମଧ୍ୟ ହୋଇଛି । ଏଥିରେ ମଧ୍ୟ ଅନେକ ନିଯୁକ୍ତି ପାଇଛନ୍ତି । ଏହାର କିନ୍ତୁ ଆହୁରି ପ୍ରସାର ସୁଯୋଗ ରହିଛି । ଚିନି ଶିଳ୍ପରେ ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି । ପରୋକ୍ଷରେ ମଧ୍ୟ କୃଷି ଉପରେ ଅନେକ ରୋଜଗାର ସୁବିଧା ପାଇଛନ୍ତି । କୃଷିଜାତ ସାମଗ୍ରୀର ପରିବହନ, ବ୍ୟବସାୟ ଉପରେ ଅନେକ ନିର୍ଭର କରି ଚଳୁଛନ୍ତି । ପଞ୍ଜାବ, ହରିୟାନା,ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟ ଆଜି କେବଳ ଏହି କାରଣରୁ ସମୃଦ୍ଧି ହାସଲ କରିଛନ୍ତି । ସେମାନଙ୍କ ରାଜସ୍ୱ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ । ଗୁଜରାଟ ଓ ମହାରାଷ୍ଟ୍ରରେ କପା, ଆଖୁ ଭଳି ଭଳି ଅର୍ଥକାରୀ ଫସଲ ଅନେକଙ୍କୁ ରୋଜଗାର ଦେଇଛି । ଆସାମରେ ଚା' ଶିଳ୍ପରେ ଅନେକ ନିଯୁକ୍ତି ସୁଯୋଗ ପାଇଛନ୍ତି । ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ, ପିଆଜ ଉତ୍ପାଦନରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ, ସେଓ ଉତ୍ପାଦନରେ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀର ଅଗ୍ରଣୀ । ସେମାନଙ୍କ ରାଜ୍ୟର କୃଷକମାନେ ଏଥିଲାଗି ଅପେକ୍ଷାକୃତ ସ୍ୱଚ୍ଛଳ । ଓଡ଼ିଶାରେ ମଧ୍ୟ ବିଗତ ୫୦ ବର୍ଷ ଭିତରେ କୃଷି ଓ କୃଷକଙ୍କ କଲ୍ୟାଣ ସାଧନ ହୋଇଛି । ଓଡ଼ିଶା ଆଜି ଚାଉଳ ଉତ୍ପାଦନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ । ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତି ଧିରେ ଧିରେ ଉନ୍ନତ ହେଉଛି । କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ । କୃଷି ଓ କୃଷକ କଲ୍ୟାଣ ନିମନ୍ତେ ଆହୁରି ଅନେକ କାମ କରିବାକୁ ଅଛି । ଓଡ଼ିଶାର ଅର୍ଥନୀତି ମଧ୍ୟ ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ବିଶେଷ ପ୍ରୟାସ କରୁନାହାଁନ୍ତି । କୃଷିଜାତ ସାମଗ୍ରୀର ଏମଏସପି ପ୍ରତିବର୍ଷ ବୃଦ୍ଧି ପାଉଛି । କିନ୍ତୁ କୃଷକଙ୍କ ପାଇଁ ବଜାର ବ୍ୟବସ୍ଥା ସୁଦୃଢ଼ ନୁହେଁ । ଫଳରେ ଅନେକ ଚାଷୀ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି । ଅକ୍ଳାନ୍ତ ପରିଶ୍ରମ କରି ଚାଷୀ ଯେତି୍କି ରୋଜଗକାର କରିପାରୁନି, କୃଷିଜାତ ସାମଗ୍ରୀର ବ୍ୟବସାୟ କରି ଜଣେ ତାଠାରୁ ଅଧିକ ସ୍ୱଚ୍ଛଳ ଜୀବନ ଯାପନ କରିପାରୁଛି । ଏହାର ମୁଖ୍ୟ କାରଣ ହେଲା ଚାଷୀଙ୍କୁ ଶୋଷଣ । ପ୍ରତି କ୍ଷେତ୍ରରେ ଚାଷୀ ଶୋଷଣ ଏବଂ ଅନ୍ୟାୟର ଶିକାର ହେଉଛି । ଉଦାହରଣ ସ୍ୱରୂପ ସରକାର ଚାଷୀଙ୍କଠାରୁ ସର୍ବ ନିମ୍ନ ସହାୟକ ଭୂଲ୍ୟ(ଏମଏସପି)ରେ ଧାନ କିଣିବାକୁ ମଣ୍ଡି ଖୋଲିଛନ୍ତି । ଚାଷୀ ମଣ୍ଡିକୁ ଯାଇ ଧାନ ବିକିଲେ ଭଲ ମୂଲ୍ୟ ପାଇବ ବୋଲି ଧାନ ବସ୍ତା ନେଇ ମଣ୍ଡିକୁ ଯାଉଛି । ଏଥିପାଇଁ ଚାଷୀଙ୍କୁ ପୂର୍ବରୁ ପଞ୍ଜିକୃତ ହେବାକୁ ପଡ଼ିବ । ଧାନ ନେବା ପରେ ତାଙ୍କୁ ଟୋକନ ମିଳିବ । ଏହି ଟୋକନ ଦେଖାଇ ଧାନ ବିକ୍ରି କରିପାରିବେ । ଏକର ପିଛି ଜଣେ ଚାଷୀ କେତେ ଧାନ ବିକ୍ରୀ କରିପାରିବ ତାହା ମଧ୍ୟ ନିର୍ଦ୍ଧାରିତ ହୋଇଛି । ଧାନ ବିକ୍ରୀ କରିବା ପରେ ଡିବିଟି ମାଧ୍ୟମରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ । ବ୍ୟବସ୍ଥା ଭଲ । କିନ୍ତୁ ଏହି ବ୍ୟବସ୍ଥା ଭିତରେ ଏତେ ଅବ୍ୟବସ୍ଥା ରହିଛି ଯେ ତାହା ଅନେକ ଚାଷୀଙ୍କୁ ମଣ୍ଡିକୁ ଧାନ ନେଇ ଯିବାରେ ନିରୁତ୍ସାହିତ କରୁଛି । ଏହାର ଫାଇଦା ଉଠାଇ ଅନେକ ବ୍ୟବସାୟୀ ଚାଷୀଙ୍କଠାରୁ ସ୍ୱଳ୍ପ ମୂଲ୍ୟରେ ଧାନ କିଣି ନିଜେ ମଣ୍ଡିକୁ ଯାଉଛନ୍ତି କିମ୍ବା ଏହାକୁ ଚାଉଳ କରି ଚଢ଼ା ଦରରେ ବିକ୍ରୀ କରୁଛନ୍ତି । ତେଣୁ ଚାଉଳ ଦର ବଢୁଛି । ଭାରତରେ ଅଧିକାଂଶ ଚାଷୀ ହେଉଛନ୍ତି ସରଳ ଏବଂ ଅଶିକ୍ଷିତ । ସେମାନେ ଏତେ ନିୟମ କାନୁନ ସହିତ ଅଭ୍ୟସ୍ତ ବା ପରିଚିତ ନୁହଁନ୍ତି । ତେଣୁ ମଣ୍ଡିରେ ଧାନ ବିକ୍ରୀ ବ୍ୟବସ୍ଥା ସରଳ ହେବା ଉଚିତ । ଅଭିଯୋଗ ହେଉଛି ଯେ, ମଣ୍ଡିରେ ଧାନ ବିକ୍ରୀ ବେଳେ ଏଫଏକ୍ୟୁ ନିୟମକୁ କଡ଼ାକଡ଼ି କରାଯାଉଛି । ଅଦିନିଆ ବର୍ଷାରେ ଫସଲ ହାନି ବା ଧାନର ମାନ ହ୍ରାସ ପାଇଲେ ଏହାର ବିକ୍ରୀ ସହଜ ହେଉନି । ଆଉ ପ୍ରତିକୁଇଟାଂଲ ଧାନରେ ୧୦/୧୨ କେଜି ଧାନ କାଟି ଦିଆଯାଉଛି । ଅର୍ଥାତ ଜଣେ ଚାଷୀ ୧୦ କୁଇଟାଂଲ ଧାନ ବିକିଲେ ତାକୁ ୯ କୁଇଟାଂଲ ଧାନର ମୂଲ୍ୟ ମିଳୁଛି । ମଣ୍ଡିରେ ଧାନର ଏହି କଟନି ଛଟନି ଏକପ୍ରକାର ଦୁର୍ନୀତିର ପରିଣତ ହୋଇଛି । କେବଳ ଚଳିତ ବର୍ଷ ନୁହେଁ, ପ୍ରତିବର୍ଷ ଏଭଳି କଟନି ଛଟନି ଚାଲୁଛି । ସବୁ ବେଳେ ବିଧାନସଭା ଭିତରେ ଓ ବାହାରେ ଏହା ଉପରେ ଆଲୋଚନା, ସମାଲୋଚନା, ତୁମ୍ବି ତୁଫାନ ହେଉଛି । ସରକାର ପ୍ରତିଶ୍ରୁତି ଦେଉଛନ୍ତି ଯେ, କଟନି ଛଟନି ବନ୍ଦ କରିବାକୁ କଡ଼ା ପଦକ୍ଷେପ ନିଆଯିବ । କିନ୍ତୁ ସ୍ଥିତିରେ କିଛି ଉନ୍ନତି ବା ପରିବର୍ତ୍ତନ ଆସୁନି । ଚାଷୀ ସଙ୍ଗଠନ ଗୁଡ଼ିକ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଲେ ମଧ୍ୟ କିଛି ଫରକ ପଡୁନି । ଗୋଟିଏ ପଟେ କେନ୍ଦ୍ର ସରକାର ଧାନର ଏମଏସପି ବୃଦ୍ଧି କରିଛନ୍ତି । ରାଜ୍ୟ ସରକାର ଧାନ କୁଇଟାଂଲ ପିଛା ୮୦୦ ଟଙ୍କା ବୋନସ ଦେଉଛନ୍ତି । ରାଜ୍ୟର ଚାଷୀଙ୍କୁ ସାଧାରଣ ଧାନ କୁଇଟାଂଲ ପିଛା ୩୧ଶହ ଟଙ୍କା ଦେବାକୁ ଘୋଷଣା କରାଯାଇଛି । କିନ୍ତୁ ଏହି ଘୋଷଣାର କିଛି ମୂଲ୍ୟ ନାହିଁ । କଟନି ଛଟନିରେ ଚାଷୀ ବୋନସ ଅର୍ଥ ହରାଉଛନ୍ତି । ନିକଟରେ ବାଲେଶ୍ୱର ଜିଲ୍ଲାପାଳ ସାଧାରଣ ଚାଷୀ ବେଶରେ ମଣ୍ଡିକୁ ଯାଇ ଧାନ ବିକିବାକୁ କହିବା ବେଳେ ବାସ୍ତବ ସ୍ଥିତି ଜାଣିବାକୁ ପାଇଛନ୍ତି । ଏଥିନେଇ ସେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଛନ୍ତି । କିନ୍ତୁ ଏହା କେବଳ ଧର୍ମକୁ ଆଖିଠାର ସଦୃଶ । ସାରା ରାଜ୍ୟରେ ଏପରି କଟନି ଛଟନି ଚାଲୁଥିବା ବେଳେ କେତେ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ? ବିଧାନସଭାରେ ଏହାକୁ ନେଇ ବିରୋଧ ଗର୍ଜିଛନ୍ତି । କିନ୍ତୁ ଆଜି ଯେଉଁମାନେ ବିରୋଧୀ ଆସନରେ ବସିଛନ୍ତି ସେମାନେ କାଲି ଶାସନ କ୍ଷମତାରେ ଥିବା ବେଳେମଧ୍ୟ ଏହା ଚାଲୁଥିଲା । ଏଥିପାଇଁ ପୁରା ବ୍ୟବସ୍ଥା ଦାୟୀ । ଏହାକୁ

# ଗ୍ରୀଷ୍ମରୁ ସୁରକ୍ଷା- ଭାରତର ପାରମ୍ପରିକ ଜ୍ଞାନକୌଶଳ

ଆଜିକାଲି ଉଚ୍ଚ ଆପାର୍ଟମେଂଟ, ଅଫିସ ସବୁରେ ବିଦ୍ୟୁତଶକ୍ତି ବ୍ୟବହାର କରି ଏୟାର କଣ୍ଡିସନର ଦ୍ୱାରା ଲୋକେ କୋଠରିକୁ ଥଣ୍ଡା ରଖୁଛନ୍ତି । ଲୋକଙ୍କୁ ଲାଗୁଛି ଆଉ ଉପାୟ ନାହିଁ । କିନ୍ତୁ ବହୁ ପୂର୍ବରୁ ଭାରତୀୟମାନେ ଘରଗୁଡ଼ିକୁ ଗରମ ଦିନମାନଙ୍କରେ ଶୀତଳ କରିବାର ବ୍ୟାବହାରିକ ବିଦ୍ୟା ଜାଣିଥିଲେ । ସେତେବେଳେ ଲୋକମାନେ ପରିବେଶ ଅନୁକୂଳ ଜୀବନଶୈଳୀ ଅନୁସରଣ କରୁଥିଲେ । ବିନା ଯନ୍ତ୍ର ସାହାଯ୍ୟରେ ସାଧାରଣ ସ୍ଥାପତ୍ୟ କଳା ଥିବା ଗୃହମାନ ପ୍ରଚଣ୍ଡ ଗ୍ରୀଷ୍ମ, ପ୍ରବଳ ବର୍ଷା ଏବଂ ଶୁଷ୍କ ପବନରେ ମଧ ଅସହ୍ୟ ଲାଗୁନଥିଲା । ଏବେ ଭାରତରେ ଗ୍ରୀଷ୍ମ ଲହରୀ ରେକର୍ଡ କରୁଛି । ବିଦ୍ୟୁତ୍ ବ୍ୟବହାର ବହୁଗୁଣିତ ହୋଇଛି, ସବୁଜିମା ଲୋପ ପାଉଛି । ସହରାଂଚଳରେ ତାପମାତ୍ରା ବିପଜ୍ଜନକ ସ୍ତରକୁ ଛୁଉଁଛି । ଏବେ ଏକ କଠିନ ପ୍ରଶ୍ନ ଆସୁଛି 'ପୁରୁଣା ପିଢ଼ିର ଲୋକମାନେ ଆମ ଅପେକ୍ଷା ଜୀବନଯାପନ ଶୈଳୀକୁ ଭଲ ଭାବରେ ବୁଝିଥିଲେ କି ?' ଏହାର ଉତ୍ତର ପୁରୁଣା ଭାରତୀୟ ଘର, ଗ୍ରାମ, ରାସ୍ତା, ଅଗଣା, ଜଳ ବ୍ୟବସ୍ଥା ଏବଂ ଦୈନନ୍ଦିନ ଅଭ୍ୟାସର ଅବଲୋକନରେ ରହିଛି । ଆଜି ଦିନରେ ଆଧୁନିକ ସମାଜ କଂକ୍ରିଟ୍ ସହରୀକରଣ ଦୌଡ଼ରେ ଧୀରେ ଧୀରେ ସେହି ବିଜ୍ଞାନକୁ ଭୁଲିସାରିଛି । ପାରମ୍ପରିକ ଭାରତୀୟ ଜୀବନଶୈଳୀ ଶତାବ୍ଦୀ ଶତାବ୍ଦୀ ଧରି ଜଳବାୟୁ, ପବନର ଦିଗ ଆଉ ବେଗ, ସୂର୍ଯ୍ୟକିରଣ, ମାଟି, ବର୍ଷା ଏବଂ ସ୍ଥାନୀୟ ପରିବେଶର ପର୍ଯ୍ୟବେକ୍ଷଣ ମାଧମରେ ବିକଶିତ ହୋଇଥିଲା । ଲୋକମାନେ ପ୍ରକୃତି ନିୟମ ହିସାବରେ ଘର ତିଆରି କରୁଥିଲେ । ସେଇଥିପାଇଁ ଗ୍ରୀଷ୍ମ ଋତୁରେ ମଧ ଅନେକ ପୁରୁଣା ଘର ଆଶ୍ଚର୍ଯ୍ୟଜନକ ଭାବରେ ଥଣ୍ଡା ରହୁଥିଲା । କଂକ୍ରିଟ୍ ତୁଳନାରେ ମାଟି କାନ୍ଥ କମ୍ ଉତାପ ଶୋଷଣ କରେ । ମାଟିର ଚଟାଣ ପ୍ରାକୃତିକ ଭାବରେ ଥଣ୍ଡା ଲାଗିଥାଏ । ମାଟି ଟାଇଲ୍ସ କିମ୍ବା ଛଣ ଓ କାଠ ତିଆରି ଛାତ ଉତାପକୁ ବାନ୍ଧିରଖେନାହିଁ । ବାୟୁ ଚଳାଚଳ ହେତୁ ଏକ ସ୍ଥାନରେ ତାପ କେନ୍ଦ୍ରିତ ହୁଏନାହିଁ । ଝରକାଗୁଡ଼ିକ କ୍ରସ୍ ଭେଂଟିଲେସନ୍ ପାଇଁ ଠିକ୍‌ରେ ଲଗାଯାଇଥାଏ । ଘରର ମଝିରେ ଥିବା ଖୋଲା ଅଗଣା ଦେଇ ଗରମ ପବନ ଉପରକୁ ନିଷ୍କାସିତ ହୁଏ । କୁହାଯାଇପାରେ ପାରମ୍ପରିକ ଘରଗୁଡ଼ିକ ଜୀବନ୍ତ ଇକୋସିଷ୍ଟମ ପରି କାର୍ଯ୍ୟ କରୁଥିଲା । କିନ୍ତୁ ଆଧୁନିକ ଆପାର୍ଟମେଂଟ ଏବଂ ଅଫିସଗୁଡ଼ିକ ପ୍ରାୟତଃ ବନ୍ଦ ହୋଇଥିବା ତାପ କୋଠରି ଅଟେ । ଭାରତର ଅନେକ ସ୍ଥାନରେ, ସ୍ଥାନୀୟ ଜଳବାୟୁର ପରିସ୍ଥିତି ଅନୁସାରେ ଘରଗୁଡ଼ିକ ଡିଜାଇନ୍ ବା ରୂପାଙ୍କନ କରାଯାଇଥିଲା । ଗରମ ଅଂଚଳରେ ଛାତ ଉଚ୍ଚ ହୋଇଥିଲା । କାରଣ ଗରମ ପବନ ଉପରକୁ ଉଠେ, ତଳ ଆଡକୁ ଥଣ୍ଡା ରୁହେ । ବାରଣ୍ଡା ଥିବାରୁ ସୂର୍ଯ୍ୟକିରଣ ସିଧାସଳଖ କାନ୍ଥ ଉପରେ ପଡୁନଥିଲା,ଛାଇ ମିଳୁଥିଲା । ଘର ଚାରିପାଖରେ ଗଛ ଲଗାଯାଇଥିଲା । ଏହା ଘରର ସୌନ୍ଦର୍ଯ୍ୟବର୍ଦ୍ଧନ କରିବା ସହ ତାପମାତ୍ରା ନିୟନ୍ତ୍ରଣ ମଧ କରୁଥିଲା । ଘର ବାହାରେ ପ୍ରାୟ ଆମ୍ବ ପରି ଫଳଗଛଟିଏ ରହୁଥିଲା । କୁହାଯାଇପାରେ ଏହା ଜଳବାୟୁ ଇଞ୍ଜିନିୟରିଂ ଥିଲା । ନିମ, ବର, ନଡ଼ିଆ, ତାଳ, ଅଶ୍ୱତ୍ଥ ଆଦି ଗଛ ତଥା ବାଉଁଶବଣ ସବୁ ପରିବେଶ ସୁରକ୍ଷାର କାର୍ଯ୍ୟ କରୁଥିଲା । ପାରିପାର୍ଶ୍ୱିକ ତାପମାତ୍ରା ହ୍ରାସ ହେଉଥିଲା, ବାୟୁ ସଚାଂଳନରେ ସମସ୍ୟା ନଥିଲା । ମାଟିର ଆର୍ଦ୍ରତା ବଜାୟ ରହୁଥିଲା ଏବଂ ଟାଣଖରାରୁ ଘରକୁ ସୁରକ୍ଷା ମିଳୁଥିଲା । ଗଛଲତାର ସବୁଜ ବଳୟ ଏବଂ ପୋଖରୀଗୁଡ଼ିକ ଜଳବାୟୁର ସୂକ୍ଷ୍ମ ନିୟନ୍ତ୍ରଣ କରୁଥିଲେ । ଫଳରେ ଗ୍ରାମଗୁଡ଼ିକ ସ୍ୱାଭାବିକ ଭାବରେ ଥଣ୍ଡା ରହୁଥିଲା । ତାପମାନ ନିୟନ୍ତ୍ରଣରେ ପାଣି ମଧ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥିଲା । ପାରମ୍ପରିକ ଭାରତୀୟ ଗ୍ରାମଗୁଡିକ କ୍ୱଚିତ ଜଳାଶୟକୁ ଅଣଦେଖା କରୁଥିଲେ । ପୋଖରୀ, କୂଅ, ଟାଙ୍କି, କେନାଲ ଆଦି ସାମୁଦାୟିକ ଜୀବନରେ ଦେଖାଦେଉଥିଲା । ଘର ନିକଟ ପୋଖରୀଗୁଡ଼ିକରୁ ବାଷ୍ପୀକରଣ ହେବାରୁ ପ୍ରାକୃତିକ ଭାବରେ ଚାରିପାଖର ବାୟୁ ଥଣ୍ଡା ରହୁଥିଲା । ସନ୍ଧ୍ୟାରେ ପରିବାରଗୁଡ଼ିକ ଜଳାଶୟ ନିକଟରେ ଖୋଲାରେ ମିଳାମିଶା କରୁଥିଲେ । ପାରମ୍ପରିକ ଭାରତୀୟ ସ୍ଥାପତ୍ୟରେ ସର୍ବନିମ୍ନ ଶକ୍ତି ଆବଶ୍ୟକ ହେଉଥିଲା । କିନ୍ତୁ ପରିବେଶ ମଣିଷ ପାଇଁ ଥଣ୍ଡା ରହୁଥିଲା । ଦୈନନ୍ଦିନ କାର୍ଯ୍ୟକ୍ରମ ମଧ ଜଳବାୟୁର ସ୍ଥିତି ସହିତ ତାଳଦେଇ କରାଯାଉଥିଲା । ଲୋକମାନେ ଶାରୀରିକ ଭାବରେ କଷ୍ଟକର କାମ ସାରିବା ପାଇଁ ସୂର୍ଯ୍ୟୋଦୟ ପୂର୍ବରୁ ଉଠୁଥିଲେ । ସର୍ବାଧିକ ଗରମ ସମୟ ଯଥା ମଧ୍ୟାହ୍ନ ସମୟରେ ବିଶ୍ରାମ ନେଉଥିଲେ । ତାପମାତ୍ରା ହ୍ରାସ ପାଇବା ପରେ ଅପରାହ୍ନ ତଥା ସନ୍ଧ୍ୟା ଆଡ଼କୁ ପୁଣି କାମ ଆରମ୍ଭ ହେଉଥିଲା । ଆଜିର ସହରାଚଂଳ ଜୀବନଶୈଳୀରେ ପ୍ରାୟତଃ ଜୈବିକ ତଥା ଜଳବାୟୁର ବାସ୍ତବତାକୁ ଅଣଦେଖା କରାଯାଉଛି । ନିର୍ମାଣ ଶ୍ରମିକମାନେ ମଧ୍ୟାହ୍ନ ତଥା ଅପରାହ୍ନର ଅତ୍ୟଧିକ ଗରମରେ ମଧ କାର୍ଯ୍ୟ କରୁଛନ୍ତି । କାଚ ଝରକାସବୁ ବାହାରର ତାପକୁ କାର୍ଯ୍ୟାଳୟ କୋଠରି ଭିତରକୁ ଯିବାକୁ ଦେଉଛି କିନ୍ତୁ ବନ୍ଦ କରିରଖୁଛି । ଟ୍ରାଫିକ୍ ଭିଡ଼ ଯୋଗୁ ଅତିରିକ୍ତ ଉତାପ ଏବଂ ପ୍ରଦୂଷଣ ସୃଷ୍ଟି ହେଉଛି । ଏୟାର କଣ୍ଡିସନର କୋଠରି ଭିତରକୁ ଥଣ୍ଡା ରଖୁଛି ସତ, କିନ୍ତୁ ବାହାରକୁ ଗରମ ପବନ ଛାଡୁଛି, ଯାହାଦ୍ୱାରା ସହରାଚଂଳର ତାପମାତ୍ରା ଆହୁରି ବୃଦ୍ଧି ହେଉଛି । ପ୍ରକୃତିକୁ ଜୟ କରିବାକୁ ଚେଷ୍ଟାରେ ଆଧୁନିକ ସହରଗୁଡ଼ିକ ନିଜକୁ କମ୍ ବାସଯୋଗ୍ୟ କରିଚାଲିଛନ୍ତି । ପାରମ୍ପରିକ ପୋଷାକ ମଧ ଜଳବାୟୁ ଜ୍ଞାନକୁ ପ୍ରତିଫଳିତ କରେ । ସୂତା ପୋଷାକରେ ବାୟୁ ଚଳାଚଳ ସହଜ ହୁଏ । ଝାଳ ବାଷ୍ପ ହେଉଥିବାରୁ ଶରୀରକୁ ଥଣ୍ଡା ଲାଗେ । ଢିଲା ପୋଷାକ ଶରୀରକୁ ସିଧାସଳଖ ଉତାପରୁ ରକ୍ଷା କରିଥାଏ । ଧଳା କିମ୍ବା ହାଲୁକା ରଙ୍ଗର କପଡ଼ା ସୂର୍ଯ୍ୟକିରଣରୁ ତାପ ଶୋଷଣ କରିବା ପରିବର୍ତ୍ତେ ପ୍ରତିଫଳିତ କରିଥାଏ । ମୁଣ୍ଡରେ ପଗଡ଼ି, ଗାମୁଛା ଘୋଡ଼ାଇବା ଦ୍ୱାରା ଶ୍ରମିକମାନେ ସନଷ୍ଟ୍ରୋକ୍‌ରୁ ରକ୍ଷା ପାଇଥାନ୍ତି । ଋତୁ ଅନୁସାରେ ଖାଦ୍ୟ ଅଭ୍ୟାସ ମଧ ପରିବତି ର୍ତ ହେଉଥିଲା । ଭାରତୀୟ ପରିବାରଗୁଡ଼ିକ ଗ୍ରୀଷ୍ମଋତୁରେ ବେଶି ଜଳଯୁକ୍ତ ଏବଂ ଥଣ୍ଡାଖାଦ୍ୟ ବ୍ୟବହାର କରୁଥିଲେ । ଦହି, ତୋରାଣି, ଛତୁଆ ବା ବେଲପଣା, ପଇଡ଼ପାଣି ଇତ୍ୟାଦି ପିଉଥିଲେ । କାକୁଡ଼ି, ତରଭୁଜ ପରି ଋତୁକାଳୀନ ଫଳ ଖାଉଥିଲେ । ସୁରେଇ, ମାଠିଆ ପରି ମାଟିପାତ୍ରରେ ପାନୀୟଜଳ ରଖାଯାଉଥିଲା, ଯାହା ପ୍ରାକୃତିକ ଭାବରେ ଥଣ୍ଡା ରହୁଥିଲା । ଓଡ଼ିଶାରେ ପଖାଳଭାତ ଜଳବାୟୁ ଅନୁକୂଳ ଖାଦ୍ୟ ଥିଲା । ଅତ୍ୟଧିକ ଗରମ ସମୟରେ ଶରୀରରେ ଆବଶ୍ୟକ ଜଳୀୟ ଅଂଶ କମ୍ ହୋଇଯାଉଥିବାରୁ ଏହା ଶରୀରକୁ ପ୍ରଚୁର ଜଳ ଦେଉଥିଲା ଏବଂ ହଜମରେ ସାହାଯ୍ୟ କରୁଥିଲା । ଏହିପରି ଅନେକ ପାରମ୍ପରିକ ଖାଦ୍ୟ ଶରୀରର ତାପମାତ୍ରା ଏବଂ ଜଳୀୟ ଅଂଶ ବଜାୟ ରଖିବା ପାଇଁ ବୈଜ୍ଞାନିକ ଭାବରେ ଉପଯୁକ୍ତ ଥିଲା । ପୁରାତନ ଭାରତରେ ସାମୁଦାୟିକ ଯୋଜନା ମଧ ପରିବେଶରେ ସନ୍ତୁଳନ ରକ୍ଷା କରୁଥିଲା । ପୁରୁଣା ଜନବସତିଗୁଡିକରେ ରାସ୍ତାସବୁ ପ୍ରାୟତଃ ଅଣଓସାରିଆ ଏବଂ ଛାଇଯୁକ୍ତ ଥିଲା, ଯାହା ସିଧାସଳଖ ଉତ୍ତାପର ସଂସ୍ପର୍ଶକୁ ହ୍ରାସ କରୁଥିଲା । ଘରଗୁଡ଼ିକ ଏପରି ଭାବରେ ପାଖାପାଖି ରହିଥିଲା ଯାହାଦ୍ୱାରା ଶୀତଳ ପଥ ସୃଷ୍ଟି ହେଉଥିଲା । ମନ୍ଦିରର ପୋଖରୀ, ଗ୍ରାମର ଜଙ୍ଗଲ, ଚରାଭୂମି ଏବଂ ଅନ୍ୟ ପୋଖରୀକୁ ସାଧାରଣ ପରିବେଶଗତ ସମ୍ପତି ଭାବରେ ସଂରକ୍ଷିତ ରଖାଯାଇଥିଲା । ଏହାର ବିପରୀତରେ ଆଧୁନିକ ସହରାଂଚଳ ସଂପ୍ରସାରଣରେ ଆର୍ଦ୍ରଭୂମିକୁ ପୋତାଯାଉଛି, ଗଛ କଟାଯାଉଛି, ପୋଖରୀସବୁକୁ ଜବରଦଖଲ କରାଯାଉଛି ଏବଂ ପ୍ରତ୍ୟେକ ଖାଲି ସ୍ଥାନକୁ କଂକ୍ରିଟ୍ ଦ୍ୱାରା ଆଚ୍ଛାଦିତ କରାଯାଉଛି । ଏପରି ସହରଗୁଡ଼ିକ ବହୁଗୁଣରେ ତାପ ଶୋଷଣ କରେ ଏବଂ ଅଟକାଇ ରଖେ । ଆଉ ତାପ ନିୟନ୍ତ୍ରଣ କରିବାପାଇଁ ପାରମ୍ପରିକ ଶୀତଳୀକରଣ ପ୍ରଣାଳୀଗୁଡ଼ିକ ଅପସାରିତ ହୋଇଯାଇଛି । ଏହାର ପରିଣାମ ଆଜି ଦୃଶ୍ୟମାନ ହେଉଛି । ତାପମାନ ଅଧିକ ମାରାତ୍ମକ ହୋଇଚାଲୁଛି । ଶୀତଳୀକରଣ ଚାହିଦା ଯୋଗୁଁ ପ୍ରତି ଗ୍ରୀଷ୍ମଋତୁରେ ବିଦ୍ୟୁତ ବ୍ୟବହାର ଦ୍ରୁତଗତିରେ ବୃଦ୍ଧିପାଉଛି । ଜଳକଷ୍ଟ ତୀବ୍ର ହେଉଛି । ବାୟୁ ପ୍ରଦୂଷଣ ଯୋଗୁଁ ସ୍ୱାସ୍ଥ୍ୟ ଖରାପ ହେଉଛି । ମଝିରାତି ପର୍ଯ୍ୟନ୍ତ ସହରାଂଚଳରେ ତାପମାତ୍ରା ଅଧିକ ରହୁଛି । କାରଣ କଂକ୍ରିଟ୍ ରାତିସାରା ଧୀରେ ଧୀରେ ଧରି ରଖିଥିବା ତାପ ଛାଡ଼ିଥାଏ । ବିଡ଼ମ୍ବନାର ବିଷୟ ହେଉଛି, ଆଧୁନିକ ଜୀବନଶୈଳୀ ବର୍ତ୍ତମାନ କୃତ୍ରିମ ଶୀତଳୀକରଣ ପ୍ରଣାଳୀ ଉପରେ ବହୁତ ନିର୍ଭର କରୁଛି । ଏହା ବ୍ୟାପକ ଶକ୍ତି ବ୍ୟବହାର କରେ, ଫଳରେ ପରିବେଶରେ ଉଷ୍ଣତା ବୃଦ୍ଧିହୁଏ । ବିପରୀତରେ, ପାରମ୍ପରିକ ଭାରତୀୟ ଜୀବନଯାପନ ନିଷ୍କ୍ରିୟ ଶୀତଳୀକରଣ ଉପରେ ଆଧାରିତ ଥିଲା, ଯାନ୍ତ୍ରିକ ନିର୍ଭରଶୀଳତା ବଦଳରେ ସ୍ଥାନୋପଯୋଗୀ ସ୍ଥାପତ୍ୟ ମାଧମରେ ଘର ଶୀତଳ ରହୁଥିଲା । ସାମାଜିକ ଜୀବନ ପରିବେଶ ସମ୍ବେଦନଶୀଳତାକୁ ପ୍ରତିଫଳିତ କରୁଥିଲା । ଗ୍ରାମଗୁଡ଼ିକରେ ଲୋକମାନେ ସନ୍ଧ୍ୟା ସମୟରେ ବା ଅପରାହ୍ନରେ ବଡ଼ ଗଛ ତଳେ ଏକାଠି ହେଉଥିଲେ । ବର ଏବଂ ଅଶ୍ୱତ୍ ?ଥ ଗଛ ପ୍ରାୟତଃ ସଂପ୍ରଦାୟର କେନ୍ଦ୍ରସ୍ଥଳ ହୋଇଯାଉଥିଲା । କାରଣ ସେଠାରେ ତାପମାତ୍ରା ଯଥେଷ୍ଟ ଥଣ୍ଡା ରହୁଥିଲା । ସାର୍ବଜନୀନ ସ୍ଥାନଗୁଡ଼ିକ ପ୍ରାକୃତିକ ଭାବରେ ଛାୟାଯୁକ୍ତ ଏବଂ ବାୟୁଚଳନ ଉପଯୋଗୀ ଥିଲା । ଲୋକେ ଖରାଦିନେ ଖୋଲାରେ ଅଗଣା କିମ୍ବା ଛାତରେ ଶୋଉଥିଲେ । ସେଠାରେ ବାୟୁର ଆତଯାତ ବନ୍ଦ କୋଠରି ଅପେକ୍ଷା ଭଲ ଥିଲା । ଶିଶୁମାନେ ଉତ୍ତପ୍ତ କୋଠରି ଭିତରେ ନରହି ବାହାରେ ଗଛତଳେ ଖେଳୁଥିଲେ । ଏସବୁ କହିବାର ଅର୍ଥ ନୁହେଁ ଯେ ପୁରାତନ ଭାରତ ସଂପୂର୍ଣ୍ଣ କିମ୍ବା କଷ୍ଟମୁକ୍ତ ଥିଲା । ପାରମ୍ପରିକ ସମାଜଗୁଡ଼ିକ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ, ଯେଉଁଥିରେ ପରିମଳ, ଚିକିତ୍ସା ଏବଂ ଆର୍ଥି କ ଅସମାନତା ଇତ୍ୟାଦି ଅନ୍ତର୍ଭୁକ୍ତ । କିନ୍ତୁ ଜଳବାୟୁ-ପ୍ରତିକ୍ରିୟାଶୀଳ ଜୀବନଶୈଳୀ ଦୃଷ୍ଟିରୁ ଦୈନନ୍ଦିନ ଜୀବନ ପରିବେଶ ଦିଗରୁ ଅସହ୍ୟ ନଥିଲା । ଆଧୁନିକ ସ୍ଥାପତ୍ୟ ଏବଂ ସହରାଂଚଳ ଯୋଜନା ଏବେବି ସେହି ନୀତିଗୁଡ଼ିକରୁ ବହୁତ ଶିଖିପାରିବ । ଆଜି ସାରାବିଶ୍ୱ, ସ୍ଥାୟୀ ସ୍ଥାପତ୍ୟଯୁକ୍ତ ପାରମ୍ପରିକ ଭାରତୀୟ ଘରଗୁଡ଼ିକ ସହ ମିଶ୍ରିତ ଥିବା ଧାରଣାଗୁଡ଼ିକୁ ବହୁ ଗୁରୁତ୍ୱ ଦେଉଛି । ତାହା ହେଉଛି ପ୍ରାକୃତିକ ବାୟୁଚଳନ, ତାପଜ ନିରୋଧକ ତଥା ସ୍ଥାନୀୟ ସାମଗ୍ରୀର ଉପଯୋଗ, ବର୍ଷାଜଳ ଅମଳ, ଛାଇଯୁକ୍ତ ସ୍ଥାନ, ଶୀତଳୀକରଣ ପ୍ରଣାଳୀ ଏବଂ ପରିବେଶସମ୍ପନ୍ନ ଭୂଭାଗ । ସମସାମୟିକ ବୈଜ୍ଞାନିକମାନେ ମଧ ସ୍ୱୀକାର କରୁଛନ୍ତି ଯେ, ପାରମ୍ପରିକ ନିର୍ମାଣ ପଦ୍ଧତିଗୁଡ଼ିକ ପ୍ରାୟତଃ ସ୍ଥାନୀୟ ଜଳବାୟୁ ପରିସ୍ଥିତିରେ ଉଲ୍ଲେଖନୀୟ ଭାବରେ ଭଲ ପ୍ରଦର୍ଶନ କରିଛନ୍ତି । ଆଜି ଜଳବାୟୁ ପରିବର୍ତ୍ତନ ମାନବର ପୁରୁଣା ଜ୍ଞାନର ପୁନବି ର୍ଚାର କରିବାକୁ ବାଧ କରୁଛି । ଯେତେବେଳେ ସାରା ଭାରତରେ ତାପମାତ୍ରା ବୃଦ୍ଧି ପାଉଛି, ବିଶେଷକରି ଭାରତର କିଛି ଅଂଶରେ, ସହରଗୁଡ଼ିକ ପ୍ରମୁଖ ପରିବେଶଗତ ଅନୁକୂଳନ ବିନା ଆଉ ବାସଯୋଗ୍ୟ ରହିପାରିବ ନାହିଁ । କେବଳ ଏୟାର କଣ୍ଡିସନିଂ ପରିବେଶଗତ ବିନାଶ ଏବଂ ଅସମ୍ଭବ ସହରୀକରଣ ଦ୍ୱାରା ସୃଷ୍ଟି ହୋଇଥିବା ସଙ୍କଟର ସମାଧାନ କରିପାରିବନାହିଁ । ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ପାରମ୍ପରିକ ପରିବେଶଗତ ଜ୍ଞାନ ମିଶ୍ରିତ ହେବା ଦରକାର । ବିସ୍ତୃତ ସବୁଜ ବୃକ୍ଷ ଆବରଣ, ପୁନଃସ୍ଥାପିତ ପୁଷ୍କରିଣୀ, ଜଳବାୟୁ-ସମ୍ବେଦନଶୀଳ ସ୍ଥାପତ୍ୟ, ଛାୟାଯୁକ୍ତ ପଦଯାତ୍ରା ପଥ, ଛାୟାଯୁକ୍ତ ଛାତ ଉଦ୍ୟାନ, ବର୍ଷାଜଳ ଅମଳ ଏବଂ ପ୍ରାକୃତିକ ବାୟୁଚଳନ ପ୍ରଣାଳୀ ସହିତ ଭବିଷ୍ୟତର ସହରଗୁଡ଼ିକୁ କଳ୍ପନା କରାଯାଇପାରେ । ଏକ ଉଷ୍ଣ ବିଶ୍ୱରେ ବଚଂିବା ପାଇଁ ପାରମ୍ପରିକ ଜ୍ଞାନକୌଶଳ ବ୍ୟବହାର କରିବା ଆବଶ୍ୟକ । ପୂର୍ବପିଢ଼ି ବୁଝିଥିଲେ ଯେ ମାନବର ଅବସ୍ଥିତି ପ୍ରକୃତି ସହ ସମନ୍ୱୟ ଉପରେ ନିର୍ଭର କରେ, ଏହା ଉପରେ ପ୍ରାଧାନ୍ୟ ବିସ୍ତାର କରି ନୁହେଁ । ସେମାନେ ଋତୁ ଅନୁଯାୟୀ ଜୀବନଶୈଳୀକୁ ଅନୁକୂଳିତ କରିଥିଲେ । ପ୍ରତ୍ୟେକ ଉଷ୍ଣ ଲହରୀ ଆମକୁ ଏକ ମୌଳିକ ସତ୍ୟ ମନେପକାଇ ଦେଉଛି : ପ୍ରକୃତି ଶେଷରେ ସମାଜର କାର୍ଯ୍ୟ ସୀମା ସ୍ଥିର କରେ । ଭାରତ ଏବେ ଦୁଇଟି ମଡେଲ ମଧରେ ଠିଆ ହୋଇଛି । ଗୋଟିଏ ମଡେଲ ଅନିୟନ୍ତ୍ରିତ କଂକ୍ରିଟ୍ ପ୍ରସାରଣ, ପରିବେଶଗତ ବିନାଶ, ତାପମାତ୍ରା ବୃଦ୍ଧି ଏବଂ କୃତ୍ରିମ ଶୀତଳତା ଉପରେ ବର୍ଦ୍ଧିତ ନିର୍ଭରଶୀଳତା । ଅନ୍ୟ ମଡେଲ ହେଉଛି ଆଧୁନିକ ନବସୃଜନ ପାରମ୍ପରିକ ଜ୍ଞାନ ମଧ ଗ୍ରହଣ କରିଛି । ଆଧୁନିକ ସହରର କୋଳାହଳ ତଳେ କେଉଁଠି ନା କେଉଁଠି ଏକ ପୁରୁଣା ଭାରତୀୟ ଧାରଣା ରହିଛି- ଏକ ଶୀତଳ ଘର, ଏକ ଛାୟାଯୁକ୍ତ ପଥ, ଏକ ଜୀବନ୍ତ ପୋଖରୀ, ଏକ ଖୋଲା ଅଗଣା, ଏକ ମାଟିପାତ୍ରରେ ପାଣି ଏବଂ ପ୍ରକୃତି ପ୍ରତି ସମ୍ମାନ । ଏସବୁ ମିଳି ଏକ ଆରାମଦାୟକ ଘର ସୃଷ୍ଟି କରୁଛି । ଆଉ ବଂିରହିବା ପାଇଁ ଏକ ଉତ୍ତମ ବିଶ୍ୱ ତିଆରି ହେଉଛି ।

# ହରିୟାଣୀ ରହସ୍ୟ

ନିକଟରେ 'ସେଟ୍ରାଂଲ ଆଡପ୍‌ସନ ରିସୋର୍ସ ଅଥରିଟି' ବା 'ସି.ଏ.ଆର.ଏ.' ଦ୍ୱାରା ପ୍ରକାଶିତ ପରିସଂଖ୍ୟାନ ବିଶେଷ ଦୃଷ୍ଟି ଆକର୍ଷଣକାରୀ ହୋଇଥାଏ, କାରଣ ତା' ଅନୁସାରେ ସର୍ବନିମ୍ନ ଲିଙ୍ଗୀୟ ଅସମାନୁପାତର ରାଜ୍ୟ ଭାବେ ଅପଖ୍ୟାତ ହରିୟାଣା ହେଉଛି କନ୍ୟାମାନଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରାଯିବାର ଶତାଂଶ ଦୃଷ୍ଟିରୁ ଦେଶର ସର୍ବୋଚ୍ଚଙ୍କ ମଧରେ ଅନ୍ୟତମ । ଏହି ରାଜ୍ୟରେ ପରିବାର ଲାଭ କରିବାର ସୌଭାଗ୍ୟ ପାଉଥିବା ଅନାଥ ଶିଶୁମାନଙ୍କ ମଧରୁ ୬୩% ହେଉଛନ୍ତି ଝିଅ । କେରଳରେ ଏହି ହାର ହେଉଛି ମାତ୍ର ୪୮%; ଅଥଚ ସେଠାରେ 'ଚାଇଲ୍‌ଡ ବାର୍ଥ ସେକ୍‌ସ ରେସିଓ' ବା ବା 'ସି.ଏସ.ଆର.' (ଶିଶୁ ଜନ୍ମ ଲିଙ୍ଗୀୟ ଅନୁପାତ) ହେଉଛି ପ୍ରତି ୧୦୦୦ ଜଣ ପୁଅ ପିଛା ୯୭୦ ଜଣ ଝିଅ, ଯାହା ଦେଶରେ ଶୀର୍ଷତମ । କହିବା ଅନାବଶ୍ୟକ ଯେ ପୁତ୍ର ସନ୍ତାନ ସକାଶେ ଅତ୍ୟନ୍ତ ବ୍ୟାକୁଳ ହରିୟାଣାରେ ଅସଂଖ୍ୟ କନ୍ୟା ଭ୍ରୂଣାବସ୍ଥାରେ ନିଶ୍ଚିହ୍ନ ହୋଇଯାଆନ୍ତି; ଏବଂ ତଦ୍ଦ୍ୱାରା ସୃଷ୍ଟ ସାମାଜିକ ଭାରସାମ୍ୟହୀନତା ଦ୍ୱାରା ଉଦ୍‌ବିଗ୍ନ କେନ୍ଦ୍ର ସରକାର ୨୦୧୫ ମସିହାରେ ସେହି ରାଜ୍ୟରୁ ହିଁ କନ୍ୟା ସୁରକ୍ଷା ସକାଶେ ସଚେତନତାମୂଳକ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ 'ବେଟୀ ବଚାଓ, ବେଟୀ ପଢ଼ାଓ' ପ୍ରାରମ୍ଭ କରିଥିଲେ । ତେଣୁ ପ୍ରଶ୍ନ ଉଠିଥାଏ ଯେ 'ସି.ଏ.ଆର.ଏ.'ର ଏଭଳି ଆଶ୍ୱାସନାମୂଳକ ତଥ୍ୟ ପଛରେ ନିହିତ ଗୂଢ଼ କାରଣ ଓ ବାସ୍ତବତା କ'ଣ ? ଏଥି ଲାଗି ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ସଂପ୍ରତି ଆମ ଦେଶରେ ପୋଷ୍ୟ ସନ୍ତାନ ସକାଶେ ଅପେକ୍ଷା କରିଥିବା ଆବେଦନକାରୀ ପରିବାରଙ୍କ ସଂଖ୍ୟା ପ୍ରାୟ ୩୦ ହଜାର ('ସି.ଏ.ଆର.ଏ.'ର ୨୦୨୨ ତଥ୍ୟ ଅନୁସାରେ), ଯେତେବେଳେ କି ୨୦୨୪-୨୫ ମସିହାରେ ପୋଷ୍ୟ ସନ୍ତାନ ଲାଭ କରିଥିବା ପରିବାରର ସଂଖ୍ୟା ଥିଲା ମାତ୍ର ୪୧୫୫ । ଅଥଚ, ତାହା ଥିଲା 'ସି.ଏ.ଆର.ଏ.'ର ସମଗ୍ର ୧୨ ବର୍ଷର ରେକର୍ଡ ଅନୁସାରେ ସର୍ବାଧିକ ଏବଂ ପୂର୍ବ ବର୍ଷ ତୁଳନାରେ ୨୪% ଅଧିକ । କହିବାର ତାତ୍ପର୍ଯ୍ୟ ହେଲା ଆମ ଦେଶରେ ଆଇନ ସମ୍ମତ ଭାବେ ପୋଷ୍ୟ ସନ୍ତାନ ଲାଭ କରିବାର ପ୍ରକ୍ରିୟା ଖୁବ୍ ମନ୍ଥର, ଯହିଁରେ ଚାରି ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିପାରେ । ଏଭଳି ସ୍ଥିତିରେ ଅନେକ ପରିବାର ସକାଶେ, ସାମାନ୍ୟ ବଡ଼ ହୋଇଯାଇଥିବା ପିଲାମାନଙ୍କ ମଧରୁ ପୁଅମାନଙ୍କ ତୁଳନାରେ ଝିଅମାନେ ଅଧିକ ପସନ୍ଦର ପାତ୍ର ହୋଇଥାଆନ୍ତି । ଏହା ସୁବିଦିତ ଯେ ହରିୟାଣାର କଠୋର ପୁରୁଷତାନ୍ତ୍ରିକ ସମାଜରେ, ଜାତି ଓ ଗୋତ୍ର ବିଚାର ଆଧରରେ, ବଂଶ ପ୍ରତିଷ୍ଠାର ପ୍ରକରଣରେ, ନିର୍ଭେଜାଲ ଗୁଣସୂତ୍ରର ସ୍ରୋତ କେବଳ ପୁରୁଷମାନଙ୍କ ମାଧମରେ ଆନୁବଂଶିକ ଭାବେ ପ୍ରବାହିତ ହୋଇଥାଏ ବୋଲି ବଦ୍ଧମୂଳ ଧାରଣା ରହିଛି । ଅନେକ ପର୍ଯ୍ୟବେକ୍ଷକଙ୍କ ମତରେ ଏଭଳି ସ୍ଥିତିରେ ଅଜ୍ଞାତ କୁଳର କୌଣସି ଅନାଥ ଶିଶୁକୁ ପୁତ୍ରର ମାନ୍ୟତା ଦେବା ଅସଂଖ୍ୟ ରୁଢ଼ିବାଦୀ ହରିୟାଣୀ ପରିବାର ଲାଗି ଆଦୌ ସ୍ୱୀକର୍ଯ୍ୟ ହୋଇ ନ ଥାଏ । ସୁତରାଂ, ପରିବାର ଲାଗି ସନ୍ତାନର ଆବଶ୍ୟକତା ତୀବ୍ର ବୋଧ ହେଲେ ଅନେକ ପରିବାର ଝିଅମାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ବାଧ ହୁଅନ୍ତି ବୋଲି ସେମାନଙ୍କ ମତ । ତେଣୁ ଏଭଳି ପରିସଂଖ୍ୟାନରୁ ବିଶେଷ ଆଶାବାଦୀ ହେବାର ହେତୁ ସେମାନେ ପାଆନ୍ତି ନାହିଁ । ତେବେ, ହରିୟାଣାର 'ଶିଶୁ ଜନ୍ମ ଲିଙ୍ଗୀୟ ଅନୁପାତ' ବା 'ସି.ଏସ.ଆର.' ଉପରେ ଦୃଷ୍ଟି ରଖିଥିବା ଗୋଟିଏ ଗୋଷ୍ଠୀର ପର୍ଯ୍ୟବେକ୍ଷକ 'ସି.ଏ.ଆର.ଏ.'ର ପରିସଂଖ୍ୟାନରୁ ଆଶାର କ୍ଷୀଣ କିରଣ ଦେଖନ୍ତି । ଉଲ୍ଲେଖଯୋଗ୍ୟ ଯେ ୨୦୧୯ ମସିହାରେ ହରିୟାଣାର 'ଶିଶୁ ଜନ୍ମ ଲିଙ୍ଗୀୟ ଅନୁପାତ' ବା 'ସି.ଏସ.ଆର.' ଥିଲା ପ୍ରତି ୧୦୦୦ ପୁଅ ପିଛା ୯୨୩, ଯାହା ମଧ ଥିଲା ସର୍ବାଧିକ ସ୍ତରୀୟ ଏବଂ ଯାହାର ସୁଖଦ ପୁନରାବୃତ୍ତି ଘଟିଥିଲା ଗଲା ବର୍ଷ ଅର୍ଥାତ୍ ୨୦୨୫ ମସିହାରେ । ଏହାର ମଧବର୍ତ୍ତୀ ସମୟରେ ପ୍ରତି ବର୍ଷର ରେକର୍ଡ ଅନୁସାରେ ଏହି ସଂଖ୍ୟା ଥିଲା ଯଥାକ୍ରମେ ୯୨୨, ୯୧୪, ୯୧୭, ୯୧୬ ଓ ୯୧୦ । ତେବେ ଯାହା ଆଶ୍ୱସ୍ତିର ବିଷୟ, ତାହା ହେଲା, ୨୦୧୯ ଓ ୨୦୨୫ ମସିହାରେ କନ୍ୟା ଜନ୍ମ ସଂଖ୍ୟା ସମାନ ହୋଇଥିଲେ ହେଁ ପୂର୍ବ ବର୍ଷ ତୁଳନାରେ ବୃଦ୍ଧିର ହାର ହିସାବ କଲେ ୨୦୨୫ ମସିହାରେ ତାହା ଅଧିକ ବୋଲି ଜଣାପଡ଼େ, କାରଣ ୨୦୧୮ ମସିହାରେ କନ୍ୟା ଜନ୍ମ ଅନୁପାତ ୯୧୮ ଥିବା ବେଳେ ୨୦୨୪ ମସିହାରେ ଏହା ଥିଲା ୯୧୦ । ତେଣୁ ଏହି ଆଶାବାଦୀ ପର୍ଯ୍ୟବେକ୍ଷକମାନେ ହରିୟାଣୀ ସମାଜରେ ଝିଅମାନଙ୍କ ପ୍ରତି ମନୋଭାବରେ ମନ୍ଥର ଅଥଚ ସ୍ଥିର ପରିବର୍ତନ ଘଟୁଥିବା ବିଷୟ ଲକ୍ଷ୍ୟ କରିଥାନ୍ତି । ଏହାର କାରଣ ହୋଇପାରେ ମହିଳା ଶିକ୍ଷା ହାରରେ ବୃଦ୍ଧି (୨୦୦୧ ତୁଳନାରେ ୧୦%ରୁ ଅଧିକ), ଯେଉଁ ସ୍ତର ଗୁଡ଼ଗାଓଁ, ଅମ୍ବାଲା ଓ ପଚଂକୁଲା ଭଳି ସହରାଂଚଳରେ ଅତି ଉଚ୍ଚରେ ପହଚିଂଛି । ସଂପ୍ରତି ହରିୟାଣା ଉପରେ ସହରୀକରଣର ପ୍ରଭାବ ଗଭୀର ହେବାରେ ଲାଗିଛି, ଯେଉଁଠି ଗୁଡ଼ଗାଓଁ ଭଳି ଅତ୍ୟାଧୁନିକ ବିଶ୍ୱ ସ୍ତରୀୟ ସହର ଏକ ଦୃଷ୍ଟାନ୍ତ ରୂପେ ବିଦ୍ୟମାନ, ଯେଉଁ କାରଣରୁ ଶିକ୍ଷିତ ଓ ସ୍ୱାବଲମ୍ବୀ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଛି ଯେଉଁମାନେ ଝିଅଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ନିଷ୍ପତି ନେଉଛନ୍ତି । ଏକ ଅଧୟନରୁ ଏହା ମଧ ଜଣାପଡ଼ିଛି ଯେ 'ସିଙ୍ଗଲ ମଦର' ବା 'ଏକାକୀ ମା' ହେବାକୁ ବାହାରିଥିବା ମହିଳାମାନେ ଝିଅମାନଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବାକୁ ପସନ୍ଦ କରୁଛନ୍ତି । ଏଭଳି ଏକ ପରିବର୍ତନ ହେତୁ ସଂଖ୍ୟାରେ ନଗଣ୍ୟ ହୋଇଥିଲେ ସୁଦ୍ଧା ସଂପ୍ରତି ହରିୟାଣାରେ କନ୍ୟା ଜନ୍ମ ସମୟରେ ମଧ ଉତ୍ସବ ପାଳନ କରାଯାଉଛି, ଯାହା ହୁଏତ କିଛି ବର୍ଷ ପୂର୍ବରୁ ପ୍ରାୟ ଅଚିନ୍ତନୀୟ ଥିଲା । ସୁତରାଂ, ସେମାନଙ୍କ ମତରେ ଝିଅମାନଙ୍କୁ ଅଧିକ ପସନ୍ଦ କରାଯିବା ପଛରେ ବାଧବାଧକତା ଏକ ମାତ୍ର କାରଣ ହୋଇ ନ ପାରେ; ଏଥିରୁ ଆଶ୍ୱାସନା ଲାଭ କରିବାର ସୁଯୋଗ ମଧ ଦିଶିଥାଏ । ତେବେ, ଭିନ୍ନ ଭିନ୍ନ ପକ୍ଷର ବିଚାର ଓ ତର୍ଜମା ଆଦି ଯାହା ହୋଇଥାଉ ନା କାହିଁକି, ହରିୟାଣା ଯେ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଇଛି, ତହିଁରେ ଦ୍ୱିରୁକ୍ତି ନାହିଁ । କନ୍ୟା ଭ୍ରୂଣ ହତ୍ୟାରେ ବିଲୀନ ଏକ ରାଜ୍ୟରେ ପୋଷ୍ୟ ସନ୍ତାନ ଭାବେ କନ୍ୟମାନେ କାହିଁକି ଅଧିକ ସ୍ୱୀକୃତ ହେବେ ? ଏହା ଏକ ବିତର୍କିତ ପ୍ରଶ୍ନ । ଏହି ରହସ୍ୟର ଏକ ସ୍ୱଷ୍ଟ ଉତ୍ତର ମିଳିବ, ଯଦି ଶିଶୁ ଜନ୍ମ ଲିଙ୍ଗୀୟ ଅନୁପାତରେ ଝିଅମାନଙ୍କ ସଂଖ୍ୟା କ୍ରମାନ୍ୱୟେ ବୃଦ୍ଧି ପାଇ ଚାଲିବ । ଚଳିତ ବର୍ଷ ଅର୍ଥାତ୍ ? ୨୦୨୬ ମସିହାର ପ୍ରଥମ ଚାରି ମାସରେ ଏହି ଅନୁପାତ ହୋଇଛି ପ୍ରତି ହଜାରେ ପୁଅ ପିଛା ୮୯୫ଟି ଝିଅ । ଏଭଳି ସ୍ଥଳେ ଅବଶିଷ୍ଟ ଆଠ ମାସରେ ଝିଅଙ୍କ ସଂଖ୍ୟାନୁପାତ ପୂର୍ବ ବର୍ଷର ୯୨୩ ଠାରୁ ଅଧିକ ହେବ ତ ? ଯଦି ନ ହୁଏ, ତେବେ ଦ୍ୱନ୍ଦ୍ୱ ଅଧିକ ପ୍ରଗାଢ଼ ହେବ । ଗଲା ଜାନୁଆରି ମାସରେ, ଭାରତୀୟ ଗଣମାଧମଗୁଡ଼ିକ, ଯେତେବେଳେ ପୂର୍ବ ବର୍ଷ (୨୦୨୫) ହରିୟାଣାରେ ଘଟିଥିବା ଝିଅମାନଙ୍କ ସଂଖ୍ୟାନୁପାତରେ ବୃଦ୍ଧି ନେଇ ଆନନ୍ଦ ବ୍ୟକ୍ତ କରୁଥିଲେ, ସେତିକି ବେଳେ ଓ୍ୱିଅନ ନ୍ୟୁଜ ପକ୍ଷରୁ ଏକ ଖବର ପ୍ରସାରିତ ହୋଇଥିଲା ଯେ ଜଣେ ହରିୟାଣୀ ପୁରୁଷପୁଙ୍ଗବଙ୍କ ପତ୍ନୀଙ୍କ ଗର୍ଭରୁ ଦଶ କନ୍ୟା ଭୂମିଷ୍ଠ ହୋଇ ସାରିବା ପରେ ଏକାଦଶମଟି ପୁତ୍ର ଭାବେ ଆବିର୍ଭୂତ ହୋଇଛି, ଯହିଁରେ ପରିବାରଟି ଉତ୍ସବମୁଖର ହୋଇ ଉଠିଛି । କଥା ହେଲା, ଯଦି ୨୦୨୫ ମସିହାର କନ୍ୟା ସଂଖ୍ୟାନୁପାତ ବୃଦ୍ଧି ପଛରେ ଏଭଳି କାରଣମାନ ରହିଥାଏ, ତେବେ ଆଶାବାଦୀ ହେବାର କୌଣସି ହେତୁ ଦିଶି ନ ଥାଏ । ଉଲ୍ଲେଖଯୋଗ୍ୟ ଯେ ୨୦୧୯ ମସିହାରେ ହରିୟାଣାର 'ଶିଶୁ ଜନ୍ମ ଲିଙ୍ଗୀୟ ଅନୁପାତ' ବା 'ସି.ଏସ.ଆର.' ଥିଲା ପ୍ରତି ୧୦୦୦ ପୁଅ ପିଛା ୯୨୩, ଯାହା ମଧ ଥିଲା ସର୍ବାଧିକ ସ୍ତରୀୟ ଏବଂ ଯାହାର ସୁଖଦ ପୁନରାବୃତ୍ତି ଘଟିଥିଲା ଗଲା ବର୍ଷ ଅର୍ଥାତ୍ ୨୦୨୫ ମସିହାରେ । ଏହାର ମଧବର୍ତ୍ତୀ ସମୟରେ ପ୍ରତି ବର୍ଷର ରେକର୍ଡ ଅନୁସାରେ ଏହି ସଂଖ୍ୟା ଥିଲା ଯଥାକ୍ରମେ ୯୨୨, ୯୧୪, ୯୧୭, ୯୧୬ ଓ ୯୧୦ । ତେବେ ଯାହା ଆଶ୍ୱସ୍ତିର ବିଷୟ, ତାହା ହେଲା, ୨୦୧୯ ଓ ୨୦୨୫ ମସିହାରେ କନ୍ୟା ଜନ୍ମ ସଂଖ୍ୟା ସମାନ ହୋଇଥିଲେ ହେଁ ପୂର୍ବ ବର୍ଷ ତୁଳନାରେ ବୃଦ୍ଧିର ହାର ହିସାବ କଲେ ୨୦୨୫ ମସିହାରେ ତାହା ଅଧିକ ବୋଲି ଜଣାପଡ଼େ, କାରଣ ୨୦୧୮ ମସିହାରେ କନ୍ୟା ଜନ୍ମ ଅନୁପାତ ୯୧୮ ଥିବା ବେଳେ ୨୦୨୪ ମସିହାରେ ଏହା ଥିଲା ୯୧୦ । ତେଣୁ ଏହି ଆଶାବାଦୀ ପର୍ଯ୍ୟବେକ୍ଷକମାନେ ହରିୟାଣୀ ସମାଜରେ ଝିଅମାନଙ୍କ ପ୍ରତି ମନୋଭାବରେ ମନ୍ଥର ଅଥଚ ସ୍ଥିର ପରିବର୍ତନ ଘଟୁଥିବା ବିଷୟ ଲକ୍ଷ୍ୟ କରିଥାନ୍ତି । ଏହାର କାରଣ ହୋଇପାରେ ମହିଳା ଶିକ୍ଷା ହାରରେ ବୃଦ୍ଧି (୨୦୦୧ ତୁଳନାରେ ୧୦%ରୁ ଅଧିକ), ଯେଉଁ ସ୍ତର ଗୁଡ଼ଗାଓଁ, ଅମ୍ବାଲା ଓ ପଚଂକୁଲା ଭଳି ସହରାଂଚଳରେ ଅତି ଉଚ୍ଚରେ ପହଚିଂଛି । ସଂପ୍ରତି ହରିୟାଣା ଉପରେ ସହରୀକରଣର ପ୍ରଭାବ ଗଭୀର ହେବାରେ ଲାଗିଛି, ଯେଉଁଠି ଗୁଡ଼ଗାଓଁ ଭଳି ଅତ୍ୟାଧୁନିକ ବିଶ୍ୱ ସ୍ତରୀୟ ସହର ଏକ ଦୃଷ୍ଟାନ୍ତ ରୂପେ ବିଦ୍ୟମାନ, ଯେଉଁ କାରଣରୁ ଶିକ୍ଷିତ ଓ ସ୍ୱାବଲମ୍ବୀ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଛି ଯେଉଁମାନେ ଝିଅଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ନିଷ୍ପତି ନେଉଛନ୍ତି । ଏକ ଅଧୟନରୁ ଏହା ମଧ ଜଣାପଡ଼ିଛି ଯେ 'ସିଙ୍ଗଲ ମଦର' ବା 'ଏକାକୀ ମା' ହେବାକୁ ବାହାରିଥିବା ମହିଳାମାନେ ଝିଅମାନଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବାକୁ ପସନ୍ଦ କରୁଛନ୍ତି । ଏଭଳି ଏକ ପରିବର୍ତନ ହେତୁ ସଂଖ୍ୟାରେ ନଗଣ୍ୟ ହୋଇଥିଲେ ସୁଦ୍ଧା ସଂପ୍ରତି ହରିୟାଣାରେ କନ୍ୟା ଜନ୍ମ ସମୟରେ ମଧ ଉତ୍ସବ ପାଳନ କରାଯାଉଛି, ଯାହା ହୁଏତ କିଛି ବର୍ଷ ପୂର୍ବରୁ ପ୍ରାୟ ଅଚିନ୍ତନୀୟ ଥିଲା ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ




ସମ୍ବଲପୁର,୧/୭(ନି/ପ୍ର): ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ମହାନ୍ ପରିସଂଖ୍ୟାନବିତ୍ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନବିଶଙ୍କ ଜନ୍ମଜୟନ୍ତୀ ଅବସରରେ 'ଜାତୀୟ ପରିସଂଖ୍ୟାନ ଦିବସ' ପାଳିତ ହୋଇଯାଇଛି। ଚଳିତ ବର୍ଷର ମୂଳ ଆଭିମୁଖ୍ୟ 'ପ୍ରଶାସନିକ ତଥ୍ୟର ସାମର୍ଥ୍ୟର ଉନ୍ମୋଚନ' ଶୀର୍ଷକ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଆନୁକୂଲ୍ୟରେ ପରିସଂଖ୍ୟାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସଟି ପରିସଂଖ୍ୟାନ ବିଜ୍ଞାନ, ଅର୍ଥନୈତିକ ଯୋଜନା ଏବଂ ସ୍ୱାଧୀନତା ପରବର୍ତ୍ତୀ ରାଷ୍ଟ୍ର ନିର୍ମାଣରେ ତାଙ୍କର ସ୍ମାରକୀ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଉତ୍ସର୍ଗୀକୃତ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ଯୋଗ ଦେଇଥିବାବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ରାହୁଲ ପଟେଲ ଯୋଗ ଦେଇଥିଲେ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ମୁଖ୍ୟ ପ୍ରଫେସର ମୋନାଲିଶା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପରିସଂଖ୍ୟାନ ମାଧ୍ୟମରେ କିପରି ମହାନଦୀରେ ବନ୍ୟା ପୂର୍ବାନୁମାନ ଆକଳନ କରାଯାଇପାରେ ସେ ସମ୍ପର୍କରେ ଏକ ବଳିଷ୍ଠ ମଡେଲ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶାସନିକ ସେବା ଏବଂ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନରେ ତଥ୍ୟ ବା ଡାଟାର ସଠିକ୍ ବିଶ୍ଳେଷଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।ଅତିରିକ୍ତ ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଛନ୍ତି ଯେ, 'ତଥ୍ୟ କେବେ ମିଛ କହେ ନାହିଁ'। ସରକାରଙ୍କର ପ୍ରତ୍ୟେକ ବିଭାଗ ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ଜନମଙ୍ଗଳ ବିଭାଗ ପାଖରେ ବହୁ ପରିମାଣର ପ୍ରଶାସନିକ ତଥ୍ୟ ରହିଛି। ମାତ୍ର ଏହି ତଥ୍ୟଗୁଡ଼ିକର କେବଳ ସଂଗ୍ରହ ନୁହେଁ, ବରଂ ଏହାର ଗଭୀର ଓ ସଠିକ୍ ବିଶ୍ଳେଷଣ ଦ୍ୱାରା ହିଁ ପ୍ରକୃତ ସମସ୍ୟାର ସମାଧାନ କରାଯାଇପାରିବ। ଶିକ୍ଷା ବିଭାଗରେ ଛାତ୍ରଛାତ୍ରୀଙ୍କ ସ୍କୁଲ ଛାଡ଼ିବା ସମସ୍ୟା କିମ୍ବା ଭିନ୍ନକ୍ଷମମାନଙ୍କ ସଠିକ୍ ଚିହ୍ନଟ ପ୍ରକ୍ରିୟା ଉଦାହରଣ ଦେଇ ସେ ବୁଝାଇଥିଲେ ଯେ, ତଥ୍ୟକୁ ପଂଚାୟତ ଓ ଗ୍ରାମ ସ୍ତର ପର୍ଯ୍ୟନ୍ତ ବିଶ୍ଳେଷଣ କଲେ ହିଁ ପ୍ରଭାବୀ ସରକାରୀ ପଦକ୍ଷେପ ନିଆଯାଇପାରିବ। ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କୁ ତଥ୍ୟ ବିଶ୍ଳେଷଣରେ ଅଧିକ ଦକ୍ଷ କରିବା ପାଇଁ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରିବାକୁ ସେ କହିଥିଲେ। ଏହି ଅବସରରେ ମହାନଦୀ ଅବବାହିକାର ମୁଣ୍ଡଳୀ ଜଳଭଣ୍ଡାର ଅଂଚଳରେ ବନ୍ୟା ଏବଂ ବୃଷ୍ଟିପାତର ପୂର୍ବାନୁମାନ ପାଇଁ ପ୍ରସ୍ତୁତ କରାଯାଇଥିବା ଏକ ଅତ୍ୟାଧୁନିକ ଗବେଷଣା ମଡେଲ, ୧୦୦ ପ୍ରତିଶତ ସଠିକତା ସହ ବୃଷ୍ଟିପାତ ଓ ଜଳ ପ୍ରବାହର ଆକଳନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଗତ ୨୪ ତାରିଖରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ପ୍ରବନ୍ଧ ଏବଂ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପ୍ରଶଂସନୀୟ କାର୍ଯ୍ୟ ପାଇଁ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର କର୍ମଚାରୀଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହିତ, ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଉପ ନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ ଦେଇଥିଲେ, ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ, ସମ୍ବଲପୁରର ସହକାରୀ ନିର୍ଦ୍ଦେଶକ(ପରିସଂଖ୍ୟାନ) ପ୍ରଦ୍ୟୁମ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ଶ୍ରମ ନିରାକରଣ ଅଭିଯାନ

ସମ୍ବଲପୁର, ୧/୭(ନି/ପ୍ର): ସମ୍ବଲପୁର ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ପାଇଁ ଚାଲୁଥିବା ୧୫ ଦିନିଆ ଅଭିଯାନର ଅଂଶ ସ୍ୱରୂପ ସମ୍ବଲପୁର ମହାନଗର ନିଗମ ଅଂଚଳ ଓ ଏହାର ଆଖପାଖ ଅଂଚଳର ହୋଟେଲ, ଗ୍ୟାରେଜ, ଢାବା ଓ ଅନ୍ୟାନ୍ୟ ପ୍ରତିଷ୍ଠାନରେ ଚଢ଼ାଉ ସହ ଯେନତେନ ପ୍ରକାରେ ଉଦ୍ଧାର କାର୍ଯ୍ୟକ୍ରମ ହୋଇଥିଲା। ଏହି ଅଭିଯାନର ନେତୃତ୍ୱ ନେଇଥିଲେ ସମ୍ବଲପୁର ଜିଲ୍ଲା ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁ ଓ ଡିଏସପି ତାରାବତୀ ପ୍ରଧାନ। ଏହି ଅଭିଯାନ ସମୟରେ ମାତ୍ର ଜଣେ ଶିଶୁ ଶ୍ରମିକ ଓ ଜଣେ କିଶୋର ଶ୍ରମିକଙ୍କୁ ଚିହ୍ନଟ କରାଯାଇ ଉଦ୍ଧାର କରାଯାଇଥିଲା। ସେମାନଙ୍କ ଥଇଥାନ ପାଇଁ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଚଢ଼ାଉରେ ସମ୍ବଲପୁର ଶ୍ରମ ବିଭାଗ ସହକାରୀ ଶ୍ରମ ଅଧିକାରିଣୀ ପୁଷ୍ପା ମିଞ୍ଜ, ଲିପ୍ସା ପ୍ରଧାନ, ତାନିୟା ଠାକୁର, ବ୍ରଜେଶ କୁମାର ହୋତା, ନିଖିଳେଶ ଦାସ, ମୀନକେତନ ସୁନ୍ୟାନୀ, ଡୋଲେଶ୍ୱରୀ ନାଗଙ୍କ ସମେତ ପୋଲିସ କର୍ମଚାରୀ ଏବଂ ଆଦର୍ଶ ଏନଜିଓର କାର୍ଯ୍ୟକ୍ରମ ପରିଚାଳକ ରଞ୍ଜନ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆଜିର ଏହି କାର୍ଯ୍ୟକ୍ରମକୁ ଦେଖି ବହୁ ବୁଦ୍ଧିଜୀବୀ ତଥା ସଚେତନ ନାଗରିକ ନାପସନ୍ଦ କରିଥିବା ଶୁଣିବାକୁ ମିଳିଥିଲା। ନିୟମିତ ବ୍ୟବଧାନରେ ଯଦି ଶ୍ରମ ବିଭାଗ ଲୋକଙ୍କୁ ସଠିକ୍ ସଚେତନତା ଦେଇ, ସମସ୍ତ ହୋଟେଲ, ଲଜିଙ୍ଗ୍ ଓ ଗ୍ୟାରେଜ ଗୁଡ଼ିକରୁ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରିପାରନ୍ତା ତେବେ ସମ୍ବଲପୁର ସହରାଂଚଳ କେବେ ଠାରୁ ଶିଶୁଶ୍ରମିକ ମୁକ୍ତ ସହର ଭାବେ ମାନ୍ୟତା ପାଇ ସାରନ୍ତାଣି।

# ଜୁଲାଇ ୪ ଓ ୫ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ବରଗଡ଼ ଏବଂ ସମ୍ବଲପୁର ଗସ୍ତ



ସମ୍ବଲପୁର,୧/୭(ନି/ପ୍ର): ଆସନ୍ତା ଜୁଲାଇ ମାସ ୪ ଓ ୫ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା। ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସୂଚନା ମୁତାବକ ଗୃହମନ୍ତ୍ରୀ ଶ୍ରୀ ଶାହ ୪ ତାରିଖରେ ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିବେ। ସେଠାରୁ ସଡ଼କ ପଥରେ ବରଗଡ଼ ଯିବେ। ବରଗଡ଼ ରେ ୧,୭୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇଥନାଲ ପ୍ଲାଂଟକୁ ଲୋକାର୍ପଣ କରିବେ। ଏହାପରେ ଏକ ସାଧାରଣ ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବରଗଡ଼ରୁ କାର୍ଯ୍ୟକ୍ରମ ସାରି ସମ୍ବଲପୁର ଆସି ଏଠାରେ ରାତ୍ରିଯାପନ କରିବେ। ପର ଦିନ ୫ ତାରିଖରେ ସମ୍ବଲପୁରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହାପରେ ଏକ ଦଳୀୟ ସାଧାରଣ ସଭାରେ ଯୋଗ ଦେବେ। ଏହାପରେ ସେ ବିମାନରେ ନୂଆଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବରଗଡ଼ ସାଂସଦ ପ୍ରଦୀପ କୁମାର ପୁରୋହିତଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ସାମିଲ୍ ବୋଲି ଶ୍ରୀ ବକ୍ସି ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ତ୍ରିନାଥ ଗୁଆଲଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ନବୀନଙ୍କୁ ହରିଶ ଗଣତ୍ରାଙ୍କ ପତ୍ର

ଝାରସୁଗୁଡ଼ା,୧/୭(ନି/ପ୍ର):ଝାରସୁଗୁଡ଼ାର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବାର୍ ଆସୋସିଏସନ୍ ସଭାପତି ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ ଦାବି ଜୋର ଧରିଛି। ଏହି ପ୍ରସଙ୍ଗରେ ବିଜୁ ଜନତା ଦଳର ଝାରସୁଗୁଡ଼ା ଜିଲ୍ଲା ସଭାପତି ହରିଶ ଗଣତ୍ରା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ଘଟଣାର ସଠିକ୍ ତଦନ୍ତ ପାଇଁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୨୩ ତାରିଖରେ ତ୍ରିନାଥ ଗୁଆଲଙ୍କ ମୃତଦେହ ଝାରସୁଗୁଡ଼ା ରେଳଧାରଣା ନିକଟରୁ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ତଦନ୍ତରେ ଏହାକୁ ଆତ୍ମହତ୍ୟା ବୋଲି କୁହାଯାଇଥିଲେ ମଧ ପରିବାର ସଦସ୍ୟ, ଦଳୀୟ କର୍ମୀ ଓ ସ୍ଥାନୀୟ ଲୋକେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଘଟଣାର ପ୍ରକୃତ କାରଣ ଉନ୍ମୋଚନ ପାଇଁ ସ୍ୱାଧୀନ ତଦନ୍ତର ଆବଶ୍ୟକତା ରହିଥିବା ସେମାନେ ମତ ପ୍ରକାଶ କରିଛନ୍ତି। ଗତ ଜୁନ୍ ୨୭ ତାରିଖରେ ଆୟୋଜିତ ଶୋକସଭାରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସମେତ ୪୦୦ରୁ ଅଧିକ ବିଜେଡି କର୍ମୀ ଯୋଗଦେଇ ସ୍ୱର୍ଗତ ଗୁଆଲଙ୍କ ବିୟୋଗକୁ ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରିଥିଲେ। ନବୀନ ପଟ୍ଟନାୟକଙ୍କୁ ଲେଖିଥିବା ପତ୍ରରେ ହରିଶ ଗଣତ୍ରା ଉଲ୍ଲେଖ କରିଛନ୍ତି ଯେ, ତ୍ରିନାଥ ଗୁଆଲ ଜଣେ ଦୃଢ଼ ମାନସିକତାର ବ୍ୟକ୍ତି ଥିଲେ ଏବଂ ଜୀବନର ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାହସର ସହ ସାମ୍ନା କରିବାର କ୍ଷମତା ରଖୁଥିଲେ। ସେ ଝାରସୁଗୁଡ଼ା ଯୁବ ବିଜେଡି ସଭାପତି, ପୌରପାଳିକା କାଉନସିଲର ଓ ତିନିଥର ବାର୍ ଆସୋସିଏସନ୍ ସଭାପତି ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ତେଣୁ ତାଙ୍କ ମୃତ୍ୟୁକୁ କେବଳ ଆତ୍ମହତ୍ୟା ବୋଲି ଗ୍ରହଣ କରିବା କଷ୍ଟକର ବୋଲି ସେ ପତ୍ରରେ ଦର୍ଶାଇଛନ୍ତି।ଘଟଣାର ଗୁରୁତ୍ୱକୁ ବିଚାର କରି ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଓ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରକୃତ ସତ୍ୟ ପଦାକୁ ଆସୁ ବୋଲି ହରିଶ ଗଣତ୍ରା ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି।

# କୋଲାବିରାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୧/୭(ନି/ପ୍ର): କୋଲାବିରା ଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସେମାନଙ୍କର ବିଭିନ୍ନ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗକୁ ଶୁଣିବା ସହ ଏହାର ତୁରନ୍ତ ଏବଂ ସମୟଭିତିକ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, କୋଲାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ଲାକ୍ରା, ତହସିଲଦାର ମନୋଜ କୁଜୁର, ଉପ ଆରକ୍ଷୀ ଅଧିକ୍ଷକ, ଝାରସୁଗୁଡା ଉମାଶଙ୍କର ସିଂ ଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲାକ୍ରା, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ଶବର ପରିଚାଳନା କରିଥିଲେ। ଶିବିରରେ ମୋଟ ୪୫ ଟି ଅଭିଯୋଗ ପତ୍ର ପଞ୍ଜିକରଣ କରାଯାଇଥିଲା। ସେଥିମଧ୍ୟରୁ ୨୮ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୧୭ ଟି ସାମୂହିକ ଅଭିଯୋଗ ରହିଥିଲା। ଏହା ସହିତ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୦,୦୦୦- ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଶିବିରରେ ମୁଖ୍ୟତଃ ସ୍ଥାନୀୟ ଅଂଚଳର ପାନୀୟ ଜଳ ସମସ୍ୟା, ଜମି ଜମା ବିବାଦ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା, ରାସ୍ତା ନିର୍ମାଣ ଏବଂ ବିଭିନ୍ନ ଭତା ପେନସନ, ରାସନ କାର୍ଡ,ଆଶୀର୍ବାଦ ଯୋଜନା,ଜମିବାଡ଼ି ସମସ୍ୟା ଭଳି ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା।



# ଠାକୁର ରଘୁନାଥ ସ୍ୱାମୀଙ୍କ ମନ୍ଦିରରେ ଗଜାନନ ବେଶରେ ଶ୍ରୀଜିଉଙ୍କୁ ଦର୍ଶନ

ସମ୍ବଲପୁର,୧/୭(ନି/ପ୍ର): ଠାକୁର ରଘୁନାଥ ସ୍ୱାମୀ ମନ୍ଦିର ଟରିସରରେ ସୋମବାର ସକାଳ ପ୍ରାୟ ୧୦ଟା ବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମା ଓ ଗଜାନନ ବେଶ ଉତ୍ସବ ଆଡ଼ମ୍ବରର ସହ ଅନୁଷ୍ଠିତ ହୋଇଯାଇଛି। ଢାକୁର ବ୍ରହ୍ମ ସମାଜ ଓ ଦେବୋତର ବୋର୍ଡର ମିଳିତ ଆନୁକୂଲ୍ୟରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାତଃକାଳରେ ମଙ୍ଗଳ ଆରତି, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ସମେତ ନୀତିକାନ୍ତି ସମ୍ପନ୍ନ ହେବା ପରେ ସେବାୟତମାନେ ରନ୍ସିଂହାସନରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପାହାଣ୍ଡି ବିଜେ କରାଇ ମନ୍ଦିର ପରିସରସ୍ଥ ସ୍ନାନମଣ୍ଡପକୁ ଆଣିଥିଲେ। ସେଠାରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ହଳଦୀ, ଚନ୍ଦନ ଓ ସୁଗନ୍ଧିତ ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାସ୍ନାନ କରାଯାଇଥିଲା। ପରେ ଶ୍ରୀବିଗ୍ରହମାନଙ୍କୁ ଆକର୍ଷଣୀୟ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିଲା। ଠାକୁରଙ୍କ ଏହି ମନୋରମ ଗଜାନନ ବେଶ ଦର୍ଶନ ପାଇଁ ଢାକୁର ଓ ଆଖପାଖ ଅଂଚଳରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରି ପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

# ଧାନ ଉଠାଣ ଦାବିରେ ଧାନ ବସ୍ତା ରଖି ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ ଓ ପ୍ରତିବାଦ

ନୂଆପଡ଼ା,୧/୭(ନି/ପ୍ର): ଧାନ ଉଠାଣରେ ବିଳମ୍ବ ଏବଂ ତୁରନ୍ତ ଧାନ କ୍ରୟ ଦାବିରେ ଖଡ଼ିଆଳ ସହରର ବ୍ଲକ ଛକ ନିକଟରେ ୩୫୩ ନଂ ଜାତୀୟ ରାଜପଥକୁ ଚାଷୀ ମାନେ ଧାନ ବସ୍ତା ରଖି ଅବରୋଧ କରି ପ୍ରତିବାଦ କରିଛନ୍ତି। ଶତାଧିକ ଚାଷୀ ରାଜପଥକୁ ଅବରୋଧ କରି ସରକାର ଓ ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇ ତୁରନ୍ତ ଧାନ ଉଠାଣ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଚାଷୀମାନଙ୍କ କହିବା ଅନୁସାରେ, ମଣ୍ଡିରେ ଦୀର୍ଘଦିନ ଧରି ଧାନ ପଡ଼ି ରହିଥିବାରୁ ସେମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବର୍ଷା ଯୋଗୁଁ ଧାନ ନଷ୍ଟ ହେବାର ଆଶଙ୍କା ମଧ ବଢ଼ିଛି। ବର୍ଷା ଯୋଗୁଁ ଅନେକ ଚାଷୀଙ୍କ ଧାନ ଗଜା ହୋଇଯାଇଛି। ତେଣୁ ବିଳମ୍ବ ନକରି ଧାନ ଉଠାଣ ଆରମ୍ଭ କରିବାକୁ ଦାବି କରିଥିଲେ। ଖଡ଼ିଆଳ ବ୍ଲକର ୯ ଗୋଟି ମଣ୍ଡି ଖଡ଼ିଆଳ ବିଜେପୁର ମଣ୍ଡିରେ ୫୮୮ ଜଣ ଚାଷୀଙ୍କ ୬୫,୨୦୦ ବସ୍ତା ଧାନ, ଅରେଡା ମଣ୍ଡିରେ ୨୮୬ ଜଣ ଚାଷୀଙ୍କ ୨୯,୧୪୬ ବସ୍ତା ଧାନ, ଡୁଆଝର ମଣ୍ଡିରେ ୧୫୨ ଜଣ ୧୭,୨୦୬ ବସ୍ତା ଧାନ, ଭୋଜପୁର ମଣ୍ଡିରେ ୨୦୫ ଜଣ ଚାଷୀଙ୍କ ୨୨୦୦୦ ବସ୍ତା ଧାନ, ଲାଞ୍ଜି ମଣ୍ଡିରେ ୧୯୯ ଜଣ ଚାଷୀଙ୍କ ୨୩୩୧୫ ବସ୍ତା ଧାନ, ସାନମହେଶ୍ୱର ମଣ୍ଡିରେ ୨୪୦ ଜଣ ଚାଷୀଙ୍କ ୩୦୦୫୦ ବସ୍ତା ଧାନ, ବରଗାଁ ମଣ୍ଡିରେ ୩୩୧ ଜଣ ଚାଷୀଙ୍କ ୩୩୩୨୧ ବସ୍ତା ଧାନ, ଖୁଦପେଜ ମଣ୍ଡିରେ ୨୫୫ ଚାଷୀଙ୍କ ୨୬୨୨୭ ବସ୍ତା ଧାନ ଓ ତୁକଲା ମଣ୍ଡିରେ ୨୯୭ ଜଣ ଚାଷୀଙ୍କ ୨୯୩୨୫ ବସ୍ତା ଧାନ ବିକ୍ରି ଅପେକ୍ଷାରେ ରହିଛି। ଯାହାଫଳରେ ଚାଷୀ ମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରି ନପାରି ନିରାଶରେ ଅଛନ୍ତି। ଏହି ରାସ୍ତାରୋକ ଯୋଗୁଁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଛି। ଆଜି ସକାଳ ୮ଟା ସମୟରୁ ଆନ୍ଦୋଳନ ବର୍ତ୍ତମାନ ପର୍ଯ୍ୟନ୍ତ ଜାରି ରହିଛି।

# କେବୁଲ ଚୋରଙ୍କୁ କାବୁ କଲେ ଲୋକେ: ନାବାଳକଙ୍କ ସମେତ ଥାନାରେ ୨ ଅଟକ



ବାଲିପାଟଣା,୧/୭(ନି/ପ୍ର): ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଚଂଳରେ ଆଜି ସକାଳେ ସ୍ଥାନୀୟ ଲୋକେ କେବୁଲ ଚୋରଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ଭୋରୁ ଅନ୍ଧାରରେ ୨ ଜଣ ଦୁର୍ବୃତ ମୋବାଇଲ ଟାୱାର କେବୁଲ କାଟି ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ସମୟରେ ସନ୍ଦେହରେ ସେମାନଙ୍କୁ କାବୁକରିଥିଲେ ଲୋକେ। ପଚରାଉଚରା ପରେ ସେମାନଙ୍କ ନିକଟରୁ କଟା କେବୁଲ ତାର, ଚୋରିରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି ଏବଂ ଗୋଟିଏ ବାଇକ ଜବତ ହୋଇଛି। ବାରିଲୋ ଅଚଂଳର ପ୍ରତାପ ପାତ୍ର ଓରଫ ପ୍ରତାପଙ୍କ ସହ ଜଣେ ନାବାଳକ ଚୋରିରେ ସମ୍ପୃକ୍ତ ଥିବା ଜଣା ପଡିଛି। ତେବେ ଚୋରି ଘଟଣାର ମାଷ୍ଟର ମାଇଣ୍ଡ ଖସି ଯାଇଥିବା ଜଣା ପଡିଛି। ପୁଲିସ ସେମାନଙ୍କୁ ଥାନାକୁ ନେଇ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ମଙ୍ଗଳବାର ଭୋର ସମୟରେ ଚଣାହଟ୍ଟା ହାଇସ୍କୁଲ ନିକଟରେ ଥିବା ମୋବାଇଲ ଟାୱାରରୁ ୨ ଜଣ ଯୁବକ ୩ ଟି ସ୍ଥାନ କେବୁଲ କାଟି ପ୍ୟାକେଟରେ ଭର୍ତ୍ତି କରିଥିଲେ। ଫେରାର ହେବା ପୂର୍ବରୁ ସେମାନଙ୍କ ବାଇକ ଚାବି ସେଠାରେ ହଜି ଯାଇଥିଲା। ତେଣୁ ଖସିଯିବାରେ ବିଳମ୍ବ ହୋଇଥିଲା। ସ୍ଥାନୀୟ ଅଚଂଳର କିଛି ବ୍ୟକ୍ତି ୨ ଅଚିହ୍ନା ଯୁବକଙ୍କ ଗତିବିଧିକୁ ସନ୍ଦେହ କରି ସେମାନଙ୍କ ନିକଟକୁ ଯାଇ ପଚରାଉଚରା କରିଥିଲେ। ସେମାନେ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଅଧିକ ଖୋଳତାଡ଼ ପରେ ସେମାନଙ୍କ ବ୍ୟାଗରୁ ବ୍ୟାପକ ପରିମାଣରେ ଟାୱାର କେବୁଲ ବୋଝେଇ ହୋଇଥିବା ଜଣା ପଡିଥିଲା। ୧୧୨କୁ ଫୋନ କରି ପୁଲିସକୁ ଖବର ଦେଇଥିଲେ। ବାଲିପାଟଣା ଥାନା ପିସିଆର ପହଚିଁ ସେମାନଙ୍କୁ ହେପାଜତକୁ ନେଇଛି। ଦୁର୍ବୃତମାନେ ବାଲିପାଟଣା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟ ବାରିଲୋ ଅଚଂଳରେ ଦୀର୍ଘ ବର୍ଷ ହେବ ବସବାସ କରୁଛନ୍ତି। ବ୍ରାଉନସୁଗାର ଏବଂ ନିଶା କାରବାର ସହ ବହୁ ଚୋରି ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି।

# ମୁକ୍ତ ବିଚାର ମଂଚର ଅଠଷଠି ତମ ଆଲୋଚନାଚକ୍ର

ନୂଆପଡ଼ା,୧/୭(ନି/ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ କ୍ଷତ୍ରିୟ ସମାଜ ଭବନଠାରେ ମୁକ୍ତ ବିଚାର ମଂଚର ଅଠଷଠି ତମ ଅଧିବେଶନ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ତଥା ବିଶିଷ୍ଟ ସ୍ତମ୍ଭକାର ଶ୍ରୀକାନ୍ତ ଚଟର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତ୍ରୁଟିପୂର୍ଣ୍ଣ ବିଦ୍ୟାଳୟ ପାଠ୍ୟ ପୁସ୍ତକ ଏକ ବ୍ୟବସ୍ଥାଗତ ବିଫଳତା ପ୍ରସଙ୍ଗ ଉପରେ ସପକ୍ଷରେ ଶିକ୍ଷାବିତ୍ ସବଲୁନ ସେନାପତି ଓ ବିପକ୍ଷରେ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଆଲୋଚନା କରିଥିଲେ।

# କାର୍ଯ୍ୟଭାର ଗ୍ରହଣ ପରେ ରାଇରଙ୍ଗପୁର ଆରକ୍ଷୀ ଅଧିକ୍ଷକଙ୍କ ସାମ୍ବାଦିକ ସମ୍ମିଳନୀ

ରାଇରଙ୍ଗପୁର,୧/୭(ନି/ପ୍ର): ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାର ପ୍ରଥମ ନବନିଯୁକ୍ତ ଆରକ୍ଷୀ ଅଧୀକ୍ଷକ (ଏସ୍.ପି), ସୁରେଶ ଚନ୍ଦ୍ର ପାତ୍ର ଔପଚାରିକ ଭାବେ ତା'ଙ୍କ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ରାଇରଙ୍ଗପୁରସ୍ଥିତ ତା'ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ।ଏହି ଅବସରରେ ସେ କହିଥିଲେ ରାଇରଙ୍ଗପୁର ହେଉଛି ମହାମହିମ ରାଷ୍ଟ୍ରପତିଙ୍କ ଜନ୍ମମାଟି ଏବଂ ନୂତନ ପୁଲିସ ଗଠନ କ୍ରମେ ଜିଲ୍ଲାରେ ପ୍ରଥମ ଅଧିକ୍ଷକ ଭାବେ ଅବସ୍ଥାପିତ ତାଙ୍କ ପାଇଁ ଏକ ସୌଭାଗ୍ୟ। ନୂତନ ପୁଲିସ ଜିଲ୍ଲା ଗଠନ ହେତୁ ଏ ଅଂଚଳର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଲୋକମାନଙ୍କ ମନରେ ଅନେକ କିଛି ଆଶା ଆକାଂକ୍ଷା ରହିଥିବ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦେବା ସହିତ ସେଥିପ୍ରତି ସେ ପ୍ରତିଶୃତିବଦ୍ଧ ବୋଲି କହିଥିଲେ।ସେ ଆହୁରି ମଧ କହିଥିଲେ ଯେ, ଅପରାଧ ନିୟନ୍ତ୍ରଣ, ମହିଳା ଓ ଶିଶୁ ସୁରକ୍ଷା, ସଡ଼କ ସୁରକ୍ଷା, ସାଇବର ଅପରାଧ ରୋକିବା ଏବଂ ଜନସାଧାରଣଙ୍କ ସହ ପୁଲିସର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ। ଜନସାଧାରଣଙ୍କ ସହଯୋଗ ବିନା ଆଇନଶୃଙ୍ଖଳା ବଜାୟ ରଖିବା ସମ୍ଭବ ନୁହେଁ ବୋଲି ସେ ମତ ପ୍ରକାଶ କରିଥିଲେ।ଏହାସହ ଥାନା ସ୍ତରରେ ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ, ଏକ ସ୍ୱଚ୍ଛ ଓ ଦାୟିତ୍ୱବାନ ପୁଲିସ ବ୍ୟବସ୍ଥା ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଟିମ୍ୱର୍କରେ କାମ କରି ଜନସାଧାରଣଙ୍କ ବିଶ୍ୱାସ ଭାଜନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ତଥା ସମାଜରେ ସୁଶାସନ ପ୍ରତିଷ୍ଠା ଦିଗରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିରପେକ୍ଷ ଓ ସଠିକ୍ ସୂଚନା ପ୍ରସାରଣ କରିବା ସହ ପୁଲିସକୁ ଗଠନମୂଳକ ସହଯୋଗ କରିବାକୁ ଶ୍ରୀ ପାତ୍ର ଅନୁରୋଧ କରିଥିଲେ। ଏହି ଅବସରରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବ ବିନିମୟ କରିଥିଲେ। ଆଜିର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଯଦୁନାଥ ଜେନା, ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଶ୍ରୀମତୀ ମମତା ସାହୁ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି, କରଞ୍ଜିଆ ଉପଖଣ୍ଡ ଆରକ୍ଷୀ ଅଧିକାରୀ ନବ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ ପଦାଧିକାରୀ, କର୍ମଚାରୀବୃନ୍ଦ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।




## ବନ୍ଧମୁଣ୍ଡା ଶୀତଳ ନଗରରେ ଉଚ୍ଛେଦ ଦୋକାନୀଙ୍କ ଥଇଥାନ ଦାବିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର



ରାଉରକେଲା,୧/୭(ନି/ପ୍ର) :ବନ୍ଧମୁଣ୍ଡା ଶୀତଳ ନଗରରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ, ସେଠାରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀମାନେ ଏହାକୁ ବିରୋଧ କରିବା ସହିତ ଥଇଥାନ ଦାବି କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଶୀତଳ ନଗରର ପ୍ରାୟ ୨୨ ଜଣ ଦୋକାନୀ, ଗତ ୩୦-୪୦ ବର୍ଷ ଧରି ନିଜ ନିଜ ଦୋକାନ ମାଧ୍ୟମରେ ଜୀବିକା ନିର୍ବାହ କରିଆସୁଛନ୍ତି। ପରିବାରର ଭରଣପୋଷଣ ପାଇଁ ଦୋକାନ ଉପରେ ହିଁ ନିର୍ଭର କରିଥାନ୍ତି। ୨୦୨୬ ଜୁନ୍ ୨୮ ତାରିଖରେ ରାଉରକେଲା ଇସ୍ପାତ କାରଖାନା (ଜଙଚ)ର କେତେକ କର୍ମଚାରୀ କୌଣସି ପୂର୍ବ ସୂଚନା ନଦେଇ କିମ୍ବା ଲିଖିତ ନୋଟିସ ନଦେଇ ଦୋକାନଗୁଡ଼ିକୁ ହଟାଇବା କିମ୍ବା ଭାଙ୍ଗିବା ବିଷୟରେ କହିଥିଲେ । ଏହା ଫଳରେ ସମସ୍ତ ଦୋକାନୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ସେମାନେ ବିକାଶ କାର୍ଯ୍ୟର ବିରୋଧୀ ନୁହେଁ ଏବଂ କୌଣସି ସରକାରୀ ପ୍ରକଳ୍ପରେ ବାଧା ସୃଷ୍ଟି କରିବାକୁ ଚାହୁଁନାହାନ୍ତି। ସେମାନେ ଅନୁରୋଧ କରିଛନ୍ତିଯେ ଦୋକାନ ହଟାଇବା ପୂର୍ବରୁ ସମସ୍ତ ପ୍ରଭାବିତ ଦୋକାନୀଙ୍କ ପାଇଁ ଉଚିତ ଥଇଥାନ କରାଯିବା ସହିତ ନ୍ୟାୟ ଦାବି କରିଛନ୍ତି। ଦୋକାନୀମାନଙ୍କ ମଧ୍ୟରେ ରହିଛନ୍ତି ସୁମନ୍ତ କୁମାର ପାତ୍ର, ବିନୋଦ କୁମାର ଶର୍ମା, ଅମୀୟ କୁମାର ପରିଡା, ରାମ ଅବତାର ଶର୍ମା, ରାମ ପ୍ରକାଶ ଶର୍ମା, ମିଥଲେଶ ଭଗତ, କେ ପଟେଲ, ରବୀନ୍ଦ୍ର କୁମାର ପାତ୍ର, ବୀରେନ୍ଦ୍ର ଭଗତ, ମହେଶ ଏକ୍କା, ବିଷ୍ଣୁ ଏକ୍କା, ବ୍ରହ୍ମା ଏକ୍କା, ବି ଏନ୍ ପ୍ରସାଦ, ମନୋଜ କୁମାର ଶର୍ମା, ଶୁକ୍ରା ଓରାମ, ଅରବିନ୍ଦ ମାହାତୋ, ସମସାଦ ଖାନ୍, ସେରୁ ଶର୍ମା, ପୂଜା ଶର୍ମା, ବିଜୟ କୁମାର ପଣ୍ଡା, ସି ଏଚ୍ ଲକ୍ଷ୍ମୀ, ସନ୍ତୋଷ ସ୍ୱାଇଁ, ସୁଷମା ତିର୍କୀ, ଚରକୁ ଓରାମ ପ୍ରମୁଖ ।

## ରାଉରକେଲା ବନ ବିଭାଗ ପକ୍ଷରୁ ବିଭାଗୀୟ କାର୍ଯ୍ୟାଳୟରେ ୭୭ତମ ବନ ମହୋତ୍ସବ ପାଳିତ



ରାଉରକେଲା,୧/୭(ନି/ପ୍ର): ରାଉରକେଲା ବନ ବିଭାଗର ବିଭାଗୀୟ କାର୍ଯ୍ୟାଳୟରେ ୭୭ତମ ବନ ମହୋତ୍ସବ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଯାଇଛି। ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ପରିବେଶ ସଂରକ୍ଷଣ, ବନୀକରଣ ଏବଂ ସ୍ଥାୟୀ ଜଙ୍ଗଲ ପରିଚାଳନା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସବୁଜ ଆଚ୍ଛାଦନ ବୃଦ୍ଧି, ଜୈବ ବିବିଧତାକୁ ସୁରକ୍ଷା ଏବଂ ଏକ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ଭବିଷ୍ୟତ ସୃଷ୍ଟି କରିବାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଗୋଟିଏ ଗଛ ଲଗାନ୍ତୁ, ପ୍ରକୃତିକୁ ସୁରକ୍ଷା ଦିଅନ୍ତୁ, ଆମର ଭବିଷ୍ୟତକୁ ସୁରକ୍ଷିତ କରନ୍ତୁ ସ୍ଲୋଗାନକୁ ନେଇ ରାଉରକେଲା ବନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ରାଉରକେଲା ଡିଏଫ୍ଓ ରବିକାନ୍ତ ମିନାଙ୍କ ସମେତ ବନ ବିଭାଗର ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ସବୁଜ ଆଚ୍ଛାଦନ ବୃଦ୍ଧି, ଜୈବ ବିବିଧତାକୁ ସୁରକ୍ଷା ଏବଂ ଏକ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ଭବିଷ୍ୟତ ସୃଷ୍ଟି କରିବାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା।

## ପ୍ରଧାନଶିକ୍ଷକ ଶିଶିର କୁମାର ପାଣିଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା



ରାଉରକେଲା,୧/୭(ନି/ପ୍ର) :କୋଏଲ ନଗର ସ୍ଥିତ ସରସ୍ୱତୀ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶିଶିର କୁମାର ପାଣିଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସହ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ତଥା ପୁରାତନ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ପ୍ରଧାନଶିକ୍ଷକ ଶ୍ରୀ ପାଣି ଙ୍କ ଦୀର୍ଘ ୩୨ ବର୍ଷ ଶିକ୍ଷାଦାନ ସହ ନିଜର ସାଂଗଠନିକ ଦକ୍ଷତା ପାଇଁ ଶିକ୍ଷକ ଙ୍କ ମହଲରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଏହା ସହ ଓଷ୍ଟା , ସ୍କାଉଟ ଏବଂ ଗାଇଡ କାର୍ଯ୍ୟକ୍ରମରେ ନିଜର ଦକ୍ଷତା ପ୍ରତିପାଦନ କରିପାରିଛନ୍ତି। ତେବେ ଏହି ଅବସରରେ ବରିଷ୍ଠ ଶିକ୍ଷାବିତ ପ୍ରଶାନ୍ତ କୁମାର ପତି, ସିଆରସିସି ସିପ୍ରା ସାହୁ,ପ୍ରଫୁଲ୍ଲ ସ୍ୱାଇଁ,ରାଧାଶ୍ୟାମ ପରିଡା, ରଞ୍ଜନ କୁମାର ସାମଲ,ବିଜୟ କୁମାର ରଥ, ଦେବାଶିଷ ପଟ୍ଟନାୟକ,ମୋରିସ ଗୁଡିଆ, ଧରିତ୍ରୀ ଦାସ,ସୁପ୍ରଭା ସାମଲ,ମଦନ ମୋହନ ଆରୁଖ,ସବିତା ପୁଜାରୀ, ସରୋଜ କୁମାର ଲେଙ୍କା, ପୂର୍ଣ୍ଣଚନ୍ଦ୍ର ମାହାତୋ,ସୁନିତା ବେହୁରା, ଅକ୍ଷୟ ପରିଡ଼ା, କମଳାକାନ୍ତ ରାଉତ, ଉମାକାନ୍ତ ରାଉତରାୟ, ରାମଚନ୍ଦ୍ର ମିଶ୍ର, ସରୋଜ ସାହୁ, ବିଜୟ କୁମାର ସିଂ ପ୍ରମୁଖଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ଶ୍ରୀ ପାଣି ଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ବର୍ଦ୍ଧନା ପ୍ରତ୍ୟୁତ୍ତରରେ ଶ୍ରୀ ପାଣି ଏହି କାର୍ଯ୍ୟକ୍ରମ ତାଙ୍କର ସବୁଦିନ ପାଇଁ ମନେରହିବା ସହ ଅବସର ଜୀବନ ଶିକ୍ଷା ଓ ବିଦ୍ୟାଳୟ ପ୍ରତି ସମର୍ପିତ ରହିବ ବୋଲି ମତ ପ୍ରକାଶ କରିଥିଲେ। ବିଦ୍ୟାପୀଠର ମୀନତି କିଶାନ, ଯଶୋଦା ବଡାଇକ, ମଞ୍ଜୁ ବଇଠା, ସୀତା ଖାଡିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୁଆଁ ମାଳିଗୁଡ଼ା ମୌଳିକ ସୁବିଧାରୁ ବଂଚିତ

ଜୟପୁର,୧/୭(ନି/ପ୍ର) :ଦୁର୍ଗମରେ ଦୁର୍ଦ୍ଦଶା ଭୋଗୁଛନ୍ତି ଜୟପୁର ବ୍ଲକ ନୂଆଁ ମାଳିଗୁଡ଼ା ଗ୍ରାମବାସୀ, ବିଶୁଦ୍ଧ ପାନୀୟ ଜଳ, ବିଜୁଳୀ ସାତସପନ। ଦୀର୍ଘ ବର୍ଷ ପରେ ମଧ୍ୟ ବିଶୁଦ୍ଧ ପାନୀୟ ଜଳ, ବିଜୁଳି ନିମନ୍ତେ ସଂଘର୍ଷ କରୁଛନ୍ତି ଜୟପୁର ବ୍ଲକ ଜାମୁଣ୍ଡା ପଂଚାୟତ ଅନ୍ତର୍ଗତ ନୂଆଁ ମାଳିଗୁଡ଼ା ଗ୍ରାମବାସୀ। ବାରମ୍ୱାର ପ୍ରଶାସନିକ ଅଧିକାରୀମାନଙ୍କୁ ଗୁହାରି କଲେ ସୁଧା ଗ୍ରାମବାସୀଙ୍କୁ କେବଳ ମିଳିଛି ମିଛ ପ୍ରତିଶ୍ରୁତି। ଦୀପତଳେ ଅନ୍ଧାର ପରି ଜାମୁଣ୍ଡା ପଂଚାୟତ ଠାରୁ ମାତ୍ର ୩ରୁ ୪କି.ମି. ଦୂରରେ ରହିଛି ଏହି ଗ୍ରାମଟି। ଗାଁକୁ ଯିବାକୁ ହେଲେ ଅଙ୍କା ବଙ୍କା ଗୋଡ଼ି ମାଟି ପଥୁରିଆ ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଗ୍ରାମରେ ପାନୀୟ ଜଳର ସୁବିଧା ଥାଇ ମଧ୍ୟ ନଥିବା ସହ ସମାନ। ତତ୍‌ସହିତ ଗ୍ରାମରେ ଆଜିଯାଏଁ ମିଳିନି ବିଜୁଳି। ଫଳରେ ଗ୍ରାମବାସୀ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥା ଛାତ୍ରଛାତ୍ରୀ ପାଠ ପଢ଼ାପଢ଼ିରେ ବ୍ୟାଘାତ ହେଉଛି। କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଜାମୁଣ୍ଡା ପଂଚାୟତ ନୂଆଁ ମାଳିଗୁଡ଼ା ଗ୍ରାମରେ ଏହି ଅବସ୍ଥା ରହିଛି। ଘଂଚ ଜଙ୍ଗଲ ମଧ୍ୟରେ ରହିଛି ଏହି ଗ୍ରାମଟି। ଗ୍ରାମରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ପରିବାର ତଥା ୧୦୦ରୁ ଉର୍ଦ୍ଧ୍ୱ ଲୋକ ରହୁଥିବା ଗ୍ରାମର ଗୋଟିଏ ମାତ୍ର ନଳକୂପ ଅଛି

## ଓମ୍‌ସା ଡାକ୍ତର ଆନ୍ଦୋଳନରେ, ଡିଏମଏଫ ଡାକ୍ତର କରୁଛନ୍ତି ରୋଗୀ ସେବା



ସୁନ୍ଦରଗଡ଼,୧/୭(ନି/ପ୍ର): ଆଜି ସାରା ରାଜ୍ୟରେ ଓମ୍‌ସା ଡାକ୍ତର ବିଭିନ୍ନ ଦାବି ନେଇ ରୋଗୀ ସେବାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦେଇଥିବା ବେଳେ ସୁନ୍ଦରଗଡ଼ରେ ଜିଲ୍ଲା ପ୍ରଶାସନ ଡିଏମଏଫ ପାଣ୍ଠିରୁ ନିଯୁକ୍ତ ହୋଇଥିବା ଡାକ୍ତରଙ୍କୁ ନେଇ ଆରମ୍ଭ କରିଛି ରୋଗୀ ସେବା। ବହିର୍ବିଭାଗ ହେଉକି , ଜରୁରୀ ସବୁଠାରେ ଆଜି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଆଜି ଡିଏମଏଫ ଡାକ୍ତରମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସେମାନେ ରୋଗୀମାନଙ୍କୁ ଚିକତ୍ସା କରିବା ସହିତ ଜରୁରୀକାଳୀନ ସ୍ଥିତିକୁ ସମ୍ଭାଳିଛନ୍ତି। ଅନ୍ୟପଟେ ଆଜି ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆସିଥିବା ଭିନ୍ନକ୍ଷମ ଓ ସେମାନଙ୍କ ପରିବାର ନାହିଁ ନଥିବା ହୀନସ୍ତା ଭୋଗିଛନ୍ତି। କିଏ ୧୫୦ କିଲୋମିଟରରୁ ଆସିଛି ତ ଆଉ କିଏ ୨୫୦ କିଲୋମିଟରରୁ ଆସିଛି। କିଏ ଗୁରୁଣ୍ଡି ଗୁରୁଣ୍ଡି ଆସିଛି ତ, ଆଉ କିଏ ବାଉଁଶ ବାଡ଼ିର ସହାୟତାରେ ଛୋଟେଇ ଛୋଟେଇ ଆସିଛି । ଏହିଭଳି ୧୦୦ ରୁ ଅଧିକ ଭିନ୍ନକ୍ଷମ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ଆସି ନାହିଁନଥିବା ଅସୁବିଧାର ଶିକାର ହୋଇଛନ୍ତି। ହଜାର ହଜାର ଟଙ୍କା ଖର୍ଚ୍ଚ କରି ପରିବାର ଲୋକ ବହୁ କଷ୍ଟରେ ଏହି ଭିନ୍ନକ୍ଷମମାନଙ୍କୁ ନେଇକି ଆସିଥିଲେ। ଭିନ୍ନକ୍ଷମ ସାର୍ଟିଫିକେଟର ଯାଂଚ ପରୀକ୍ଷା ପାଇଁ, ହେଲେ ଆଜି ଡାକ୍ତରମାନେ ଆନ୍ଦୋଳନରେ ଥିବା ଯୋଗୁଁ ଏହି ବୋର୍ଡରେ ଡାକ୍ତରମାନେ ଆସିନଥିଲେ ଆଉ ଏହି ଗରିବ ଲୋକ ନିଜ ଭିନ୍ନକ୍ଷମ ପରିବାର ବର୍ଗକୁ ସାଥିରେ ଆଣି ନିରାଶ ହୋଇ ଫେରିଛନ୍ତି ।

## ଗୁରୁଗ୍ରାମରେ ପ୍ରବାସୀ ପାଳିଲେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ

କେନ୍ଦ୍ରାପଡା,୧/୭(ନି/ପ୍ର) :ଜ୍ୟେଷ୍ଠପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ଅବସରରେ ହରିଆଣାର ଗୁରୁଗ୍ରାମ ମାରୁତିକୁଞ୍ଜ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସିଂହାସନରୁ ସ୍ନାନବେଦୀକୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଘଂଟଘଂଟା, ନାମ ସଂକୀର୍ତ୍ତନ ସହିତ ନିଆଯାଇଥିଲା। ମନ୍ଦିରର ପୂଜକଙ୍କ ଦ୍ୱାରା ସ୍ନାନ କରାଯାଇ ସ୍ନାନବେଦୀରେ ଶ୍ରଦ୍ଧାଳୁମାନେ ଦର୍ଶନ କରିବା ପରେ ମନ୍ଦିରକୁ ପ୍ରସ୍ଥାନ କରାଯାଇଥିଲା।

## ରାଉରକେଲା ମଧୁବୈଶ୍ୟ (ଗୁଡ଼ିଆ) ସମାଜର ଦ୍ୱାଦଶ ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ



ରାଉରକେଲା,୧/୭(ନି/ପ୍ର): ମଧୁବୈଶ ବୈଶ୍ୟ (ଗୁଡ଼ିଆ) ସମାଜର ଦ୍ୱାଦଶ ବାର୍ଷିକ ସାଧାରଣ ପରିଷଦ ବୈଠକ ତଥା ପଚଂମ ପର୍ଯ୍ୟାୟ କାର୍ଯ୍ୟକାରିଣୀ ପରିଷଦ ନିର୍ବାଚନ ୨୦୨୬ ଜୁନ ୨୮ ତାରିଖ ଦିନ ସେକ୍ଟର-୯ ସ୍ଥିତ ସମାଜର ନିର୍ମାଣଧୀନ ଗଣେଶ ମନ୍ଦିର ପରିସରରେ ସଭାପତି ଧର୍ମାନନ୍ଦ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମାଜର ମୁଖ୍ୟ ଉପଦେଷ୍ଟା ଭୀମସେନ ସାହୁ ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ ଓ ସାଧାରଣ ସଂପାଦକ ଦିଲିପ କୁମାର ସାହୁ ବିଗତ ତିନି ବର୍ଷରେ ସମ୍ପାଦିତ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଆର୍ଥିକ ରିପୋର୍ଟ ପ୍ରଦାନ କରାଯାଇଥିବା। ଓ ଆଗାମୀ ୨୦୨୬-୨୯ ବର୍ଷ ନିମନ୍ତେ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ପାଇଁ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା ଓ ବର୍ତ୍ତମାନ କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ଅବଧି ପୂର୍ଣ୍ଣ ହୋଇସାରିଥିବା ଦୃଷ୍ଟିରୁ ନୂତନ କମିଟି ଗଠନ ନିହାତି ଓ ପରିହାର୍ଯ୍ୟ ବୋଲି ଶ୍ରୀ ସାହୁ ମତ ପୋଷଣ କରିଥିଲେ ଓ କୋଷାଧ୍ୟକ୍ଷ ମନୋରଞ୍ଜନ ସାହୁ ୨୦୨୩-୨୪, ୨୦୨୪-୨୫,୨୦୨୫-୨୬ ଆର୍ଥିକ ବର୍ଷର ଆୟ ବ୍ୟୟ ସମ୍ବନ୍ଧରେ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିଥିଲେ ଓ ସଭାପତିଙ୍କ ପରାମର୍ଶ କ୍ରମେ ପୁରାତନ କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକାରିଣୀ ସଦସ୍ୟଙ୍କ ପ୍ରସ୍ତାବ ଅନୁଯାଇ ଏକ ଚୟନ କମିଟି ଗଠନ କରାଯାଇଥିଲା । ଏଥିରେ ସଦସ୍ୟ ରୂପେ ସରୋଜ କୁମାର ସାହୁ, ଈଶ୍ୱର ଚନ୍ଦ୍ର ସାହୁ, ସନ୍ତୋଷ କୁମାର ସାହୁ, ରଞ୍ଜନ କୁମାର ସାହୁ ଓ ବାସୁଦେବ ସାହୁ ପ୍ରମୁଖଙ୍କୁ ନୂତନ କାର୍ଯ୍ୟକର୍ତ୍ତା ଚୟନ ନିମନ୍ତେ ଦାୟିତ୍ୱ ଦିଆଯାଇଥିଲା । ମନୋନୟନ ପ୍ରକ୍ରିୟାରେ ସେମାନଙ୍କୁ ସହଯୋଗ କରିବା ପାଇଁ ଶ୍ରୀମତୀ ହରିପ୍ରିୟା ସାହୁ, ଗଣେଶ ଚନ୍ଦ୍ର ସାହୁ ଓ କୈଳାସ ଚନ୍ଦ୍ର ସାହୁଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା ଓ ଉପସ୍ଥିତ ସମସ୍ତ ସଦସ୍ୟ ତଥା ମୁଖ୍ୟ ଉପ ଉପଦେଷ୍ଟାଙ୍କ ସ୍ୱୀକୃତି କ୍ରମେ ସମାଜର ପଂମ ପର୍ଯ୍ୟାୟ ସାଧାରଣ ପରିଷଦ ୨୦୨୬ରୁ ୨୦୨୯ ବର୍ଷ ପାଇଁ ନିର୍ବାଚିତ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଧର୍ମାନନ୍ଦ ପୃଷ୍ଟି, କାର୍ଯ୍ୟକାରୀ ସଭାପତି ପ୍ରଭାକର ସାହୁ, ଉପସଭାପତି ସରୋଜ କୁମାର ସାହୁ, ଉପସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଦିଲିପ କୁମାର ସାହୁ, ସମ୍ପାଦକ ବିଶ୍ୱଜିତ ପୃଷ୍ଟି, ଯୁଗ୍ମ ସମ୍ପାଦକ ଜଗବନ୍ଧୁ ସାହୁ, ଯୁଗ୍ମ ସମ୍ପାଦକ ଈଶ୍ୱର ଚନ୍ଦ୍ର ସାହୁ, କୋଷାଧକ୍ଷ ମନୋରଞ୍ଜନ ସାହୁ, ସହ-କୋଷାଧକ୍ଷ ରୂପେ ସନ୍ତୋଷ କୁମାର ସାହୁ ନିର୍ବାଚିତ ହୋଇଥିଲେ ଓ ଏତତ ବ୍ୟତୀତ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ଜୟନ୍ତ କୁମାର ସାହୁ, ସାରଦା ପ୍ରସନ ସାହୁ, ଗଦାଧର ସାହୁ, ପ୍ରଦୀପ କୁମାର ସାହୁ, ରବୀନ୍ଦ୍ର ନାଥ ସାହୁ, ରାଜେନ୍ଦ୍ର ନାଥ ସାହୁ, ଅଶୋକ କୁମାର ସାହୁ, ସନ୍ତୋଷ କୁମାର ସାହୁ, ରଞ୍ଜନ କୁମାର ସାହୁ ଏବଂ ଶ୍ରୀମତୀ ହରିପ୍ରିୟା ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ପୂର୍ବପରି ଭୀମସେନ ସାହୁଙ୍କୁ ସମାଜର ମୁଖ୍ୟ ଉପଦେଷ୍ଟା ଓ କ୍ଷୀରୋଦ କୁମାର ସାହୁଙ୍କୁ ସମାଜର ମୁଖ୍ୟ ପୃଷ୍ଠପୋଷକ ରୂପେ ଅବସ୍ଥାପିତ କରାଯାଇଛି। ବାର୍ଷିକ ସାଧାରଣ ପରିଷଦ ବୈଠକରେ ସମାଜର ରବୀନ୍ଦ୍ର ନାଥ ସାହୁ, ପ୍ରଫୁଲ୍ଲ କୁମାର ସାହୁ (କ), ପ୍ରଫୁଲ୍ଲ କୁମାର ସାହୁ (ଖ), ଗଣେଶ ଚନ୍ଦ୍ର ସାହୁ, ନିରୁଦ୍ଧ ସାହୁ, ପ୍ରଶାନ୍ତ କୁମାର ସାହୁ, ରଞ୍ଜନ କୁମାର ସାହୁ, ମନୋରଞ୍ଜନ ସାହୁ, ସନ୍ତୋଷ କୁମାର କୁ ସାହୁ (କ), ସନ୍ତୋଷ କୁମାର ସାହୁ (ଖ), କୈଳାସ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସାହୁ (କ), ପଦ୍ମଲୋଚନ ସାହୁ, ରମେଶ ଚନ୍ଦ୍ର ସାହୁ (ଖ), ଉଦୟନାଥ ସାହୁ, ସରୋଜ କୁମାର ସାହୁ, ଶୋକ କୁମାର ସାହୁ, ବାସୁଦେବ ସାହୁ, ବିଜୟ କୁମାର ସାହୁ, ସାରଦା ପ୍ରସନ ସାହୁ, ଜୟ କୁମାର ସାହୁ, ଭୀମସେନ ସାହୁ, ସୁଦର୍ଶନ ପୃଷ୍ଟି, ବିଶ୍ୱଜିତ ପୃଷ୍ଟି, ଧରଣୀଧର ସାହୁ, ଶ୍ରୀଧର ସାହୁ, ସୁଧୀର କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ, ହରିପ୍ରିୟା ସାହୁ, ସସ୍ମିତା ସାହୁ(କ), ସୁବାସିନୀ ସାହୁ, ବସନ୍ତ ମଞ୍ଜରୀ ସାହୁ, ସସ୍ମିତା ସାହୁ (ଖ), ରିତାଞ୍ଜଳୀ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ତଥା ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରୀ କ୍ଲବର ସାମାଜିକ ପ୍ରତିବଦ୍ଧତା ଅନନ୍ୟ



ରୋଟାରୀ କ୍ଲବର ୧୩ ଟି କ୍ଲବ ମାଧ୍ୟମରେ ବିଭିନ୍ନ ଜନହିତକର କାର୍ଯ୍ୟ କରିଚାଲିଛି। ଯେପରିକି ପିଙ୍କ୍ ଅଟୋ ର ପୁନରୁଦ୍ଧାର ମାଧ୍ୟମରେ ୧୩ ଜଣ

ରାଉରକେଲା,୧/୭(ନି/ପ୍ର): ରୋଟାରୀ କ୍ଲବ ସମଗ୍ର ବିଶ୍ୱ ତଥା ଭାରତବର୍ଷରେ ସମାଜସେବା, ସାମାଜିକ ଅଙ୍ଗୀକାର ବଦ୍ଧତା,ପୋଲିଓ ମୁକ୍ତ ଦେଶ, ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା, ପରିବେଶ ସୁରକ୍ଷା, ଶିକ୍ଷା ପ୍ରତି ସମର୍ପିତ ବିଶ୍ୱର ସର୍ବବୃହତ ଏନଜିଓ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କ୍ରମରେ ଜିଲ୍ଲା ୩୨୬୧ ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଆଲାମ ସିଂ ରୂପ୍ରା,ଏକେଏସ ଫାଉଣ୍ଡେସନ ର ଅଧ୍ୟକ୍ଷ ଡ ଦୀପ୍ତି ରଞ୍ଜନ ପଟ୍ଟନାୟକ, ଡିଷ୍ଟ୍ରିକ୍ଟ ସାଧାରଣ ସମ୍ପାଦକ ଅଜୟ ଅଗ୍ରୱାଲ,ଫାଷ୍ଟ ଲେଡି ହରପାଲ ରୂପ୍ରା ପ୍ରମୁଖ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ସମାଜ ପ୍ରତି ପ୍ରତିବଦ୍ଧତା ରଖିଥିବା ରୋଟାରୀ କ୍ଲବ ୧୨୧ ବର୍ଷର ଅନୁଷ୍ଠାନ। ଏଠାରେ ୨୧ ବର୍ଷ ଧରି ସମାଜରେ ସେବା ଯୋଗାଇ ଦେଇ ଆସୁଥିବା ବେଳେ ରାୟପୁରରେ ଥିବା ସତ୍ୟସାଇ ହସ୍ପିଟାଲ ରେ ନବଜାତ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ସେବା ଯୋଗାଇ ଆସୁଛି। ଯେଉଁଥିରେ ପ୍ରାୟ ୫ ହଜାର ଶିଶୁ ଙ୍କୁ ସେବା ଯୋଗାଇ ଦିଆଯାଇଛି।ରାଉରକେଲାରେ ହିତାଧିକାରୀଙ୍କୁ ସ୍ୱାବଲମ୍ବୀ କରିବା, ସମାଜରେ ସଚେତନତା ସୃଷ୍ଟି ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ଦାୟିତ୍ୱ ସମ୍ପାଦନ କରାଯାଉଛି। ସେହିପରି ବିଶ୍ୱାସନୀୟତା କୁ ପ୍ରାଥମିକତା ସହ ପ୍ରାର୍ଥନା, ପ୍ରଚେଷ୍ଟା, ପ୍ରତୀକ୍ଷା ,ପ୍ରତିଜ୍ଞା ଓ ପ୍ରେରଣା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଗୁରୁତ୍ୱପୂର୍ଣ୍ଣ ସ୍ପ୍ରେ ନୋଜଲ୍ ଯୋଗାଣ ପାଇଁ ସେଲ୍, ରାଉରକେଲା ଇସ୍ପାତ କାରଖାନା ଓ ଲେକ୍ଲର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ




ରାଉରକେଲା,୧/୭(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍ ପି ) ଏବଂ ଲେକ୍ଲର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ କାରଖାନାର ପ୍ରମୁଖ ଉତ୍ପାଦନ ୟୁନିଟ୍‌ଗୁଡ଼ିକରେ ଶୀତଳୀକରଣ ପ୍ରକ୍ରିୟାରେ ବ୍ୟବହୃତ ଗୁରୁତ୍ୱପୂର୍ଣ୍ଣ ସ୍ପ୍ରେ ନୋଜଲ୍ ଯୋଗାଣ ପାଇଁ ଜୁନ୍ ୨୩ ତାରିଖରେ ଏକ ବୁଝାମଣାପତ୍ର (ଏମ ଓ ୟୁ) ସ୍ୱାକ୍ଷରିତ ହୋଇଛି। ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ)ଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ) ଶ୍ରୀ ଅନିଲ କୁମାର ଏବଂ ଭାରପ୍ରାପ୍ତ ମୁଖ୍ୟ ମହା ପ୍ରବନ୍ଧକ (ରକ୍ଷଣାବେକ୍ଷଣ) ଶ୍ରୀ ଏସ୍. ଏସ୍. ରୟ ଚୌଧୁରୀ ଉପସ୍ଥିତରେ ଏହା ସ୍ୱାକ୍ଷରିତ ହୋଇଥିଲା । ଆରଏସ୍ ପି ପକ୍ଷରୁ ମୁଖ୍ୟ ମହା ପ୍ରବନ୍ଧକ (ଏମ୍‌ଏମ୍) ଶ୍ରୀ ଟି. ବିନୋଦ ଏବଂ ଲେକ୍ଲର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆସିଷ୍ଟାଂଟ ଭାଇସ୍ ପ୍ରେସିଡେଂଟ ଶ୍ରୀ ଏସ୍. ପଟ୍ଟନାୟକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ରର ଉଦ୍ଦେଶ୍ୟ ହେଉଛି ଉକ୍ତ ଅତ୍ୟାବଶ୍ୟକ ସ୍ପେୟାର୍ ପାର୍ଟସ୍ ?ର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରି କାର୍ଯ୍ୟ ପରିଚାଳନାର ଦକ୍ଷତା ବୃଦ୍ଧି, ଉତ୍ପାଦନ ରେ ଉନ୍ନତି ଏବଂ ବ୍ୟୟ-ଦକ୍ଷ କାର୍ଯ୍ୟ ପରିଚାଳନାକୁ ସମର୍ଥନ କରିବା। ତିନି ବର୍ଷ ଅବଧି ପାଇଁ ବୈଧ ଏହି ଚୁକ୍ତି ଅନୁଯାୟୀ ଆରଏସପି ର ଷ୍ଟିଲ୍ ମେଲ୍ଟିଂ ଶପ୍-୨, ହଟ୍ ଷ୍ଟ୍ରିପ୍ ମିଲ୍, ନ୍ୟୁ ପ୍ଲେଟ୍ ମିଲ୍, ବ୍ଲାଷ୍ଟ ଫର୍ନେସ୍ ଏବଂ କୋକ୍ ଓଭେନ୍ ସମେତ ବିଭିନ୍ନ ୟୁନିଟ୍‌କୁ ଲେକ୍ଲରର ବିଭିନ୍ନ ପ୍ରକାରର ସ୍ପ୍ରେ ନୋଜଲ୍ ଯୋଗାଇ ଦିଆଯିବ। ଉଲ୍ଲେଖଯୋଗ୍ୟ ଯେ, ଏହି ସ୍ପ୍ରେ ନୋଜଲ୍‌ଗୁଡ଼ିକ ପ୍ରକ୍ରିୟାଗତ ଦକ୍ଷତା ବଜାୟ ରଖିବା ସହ ଯନ୍ତ୍ରପାତିର ନିର୍ଭରଯୋଗ୍ୟତା ସୁନିର୍ଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ବୁଝାମଣାପତ୍ରର ସମ୍ପୂର୍ଣ୍ଣ ରୂପରେଖା ଓ ସର୍ତ୍ତାବଳୀ ଉପ ମହାପ୍ରବନ୍ଧକ (ଏମ୍‌ଏମ୍-କ୍ରୟ) ଶ୍ରୀ କେ. ସି. ବେହେରାଙ୍କ ମାର୍ଗଦର୍ଶନରେ ଉପ ପ୍ରବନ୍ଧକ (ଏମ୍‌ଏମ୍-କ୍ରୟ) ଶ୍ରୀ ସୁକାନ୍ତ କୁମାର ପାଠୀ ପ୍ରସ୍ତୁତ କରିଥିଲେ। ଏହି ସହଯୋଗିତା ମାଧ୍ୟମରେ ଆରଏସ୍ ପି ଉନ୍ନତମାନର ପ୍ରଯୁକ୍ତିର ପ୍ରୟୋଗ, ଗୁରୁତ୍ୱପୂର୍ଣ୍ଣ ଉପଭୋଗ୍ୟ ସାମଗ୍ରୀ ଓ ସ୍ପେୟାର୍ ପାର୍ଟସ୍‌ର ଯୋଗାଣ ଶୃଙ୍ଖଳକୁ ଅଧିକ ସୁଦୃଢ଼ କରିବା ଦିଗରେ ତାହାର ନିରନ୍ତର ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିଛି।